

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର, ୦୩ ଜୁଲାଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 03 JULY 2022

Vol.No. 35 ■ No. 171 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022

ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ବାଲେଶ୍ୱର-୧

ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ

ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧

୨ ଲକ୍ଷ କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କଲେ ଅର୍ଥମନ୍ତ୍ରୀ

ଭୁବନେଶ୍ୱର,୦୨/୦୭ (ନି.ପ୍ର): ରାଜ୍ୟ ଅର୍ଥମନ୍ତ୍ରୀ ଶ୍ରୀ ନିରଂଜନ ପୂଜାରୀ ଶନିବାର ଦିନ ବିଧାନସଭାର ମୌସୁମୀ ଅଧିବେଶନରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଛନ୍ତି। ଏହି ବର୍ଷ ପାଇଁ ମୋଟ କାର୍ଯ୍ୟକ୍ରମ ବ୍ୟୟବରାଦ ୧ ଲକ୍ଷ କୋଟି ଟଙ୍କା ହେବ , ଯାହା ବଜେଟ୍ ଆକାରର ୫୦% ରଖାଯାଇଛି। ଏହା ବ୍ୟତୀତ ସରକାରୀ ଉଦ୍ୟୋଗମାନଙ୍କ ଦ୍ୱାରା ବଜେଟ୍ ବର୍ହିଭୂତ ସମ୍ବଳ ଉତ୍ସରୁ ୧୦ ହଜାର କୋଟି ଟଙ୍କା ବ୍ୟୟ କରାଯିବ। ସେହିପରି ଏହି ଆର୍ଥିକ ବର୍ଷ ଲାଗି ପ୍ରଶାସନିକ ରାଜସ୍ୱ ବ୍ୟୟ ବାବଦକୁ ୭୪,୨୬୧ କୋଟିଟଙ୍କା ବ୍ୟୟ କରିବାର ପ୍ରସ୍ତାବ ରହିଛି। ଯେଉଁଥିରେ ଦରମା, ପେନସନ୍ , ସୁଧ ଦେୟ ଓ ପୁଂଜି ସମ୍ପତିର ରକ୍ଷଣାବେକ୍ଷଣା ଲାଗି ଯଥାକ୍ରମେ ୨୯,୨୪୮ କୋଟି , ୧୮, ୨୨୧ କୋଟି , ୮,୪୬୭ କୋଟି ଏବଂ ୫,୮୫୬ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ସେହିପରି ଡିଜାଷ୍ଟର ରିସ୍କ ମ୍ୟାନେଜମେଂଟ ଫଣ୍ଡ ପାଇଁ ୩,୨୧୦ କୋଟି ଟଙ୍କା ଏବଂ ସ୍ଥାନୀୟ ନିକାୟ ସଂସ୍ଥା ଓ ଉନ୍ନୟନ ସଂସ୍ଥା ପାଇଁ ୭,୨୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଉକ୍ତ ବର୍ଷ ଲାଗି ପୁଂଜି ବ୍ୟୟ ଅଟକଳ ୨୫,୭୩୨କୋଟି ଟଙ୍କା ଯାହା ସମଗ୍ର ରାଜ୍ୟ ଘରୋଇ ଉତ୍ପାଦର ୫.୪ ପ୍ରତିଶତ ରହିଛି। ଏହା ବିଗତ ବର୍ଷ ତୁଳନାରେ ୫୬ ପ୍ରତିଶତ ଅଧିକ ଅଟେ। ଅତିରିକ୍ତ ଋଣ ଓ ଅଗ୍ରୀମ , ପୁଂଜି ସମ୍ପତି ସୃଷ୍ଟି ପାଇଁ ଅନୁଦାନ ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ୧୧,୯୩୩ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହା ରାଜ୍ୟ ଘରୋଇ ଉତ୍ପାଦର ୧.୭ % । ବ୍ୟୟ ଅଟକଳ ପାଇଁ ମୁଖ୍ୟତଃ ରାଜସ୍ୱ ପ୍ରାପ୍ତିରୁ ୧,୬୩, ୯୬୭ କୋଟି ଟଙ୍କା ଓ ଋଣ ଏବଂ ଅନ୍ୟାନ୍ୟ ବାବଦରୁ ମିଳିଥିବା ୩୬,୦୩୩ କୋଟି ଟଙ୍କାରୁ ଭରଣା କରାଯିବ। ୨୦୨୨-୨୩ବର୍ଷ ପାଇଁ ଆକଳନ କରାଯାଇଥିବା ମୋଟ ରାଜସ୍ୱ ପ୍ରାପ୍ତି ମଧ୍ୟରେ କେନ୍ଦ୍ରୀୟ ଟିକସ ଉପରେ ରାଜ୍ୟର ଅଂଶ ଭାବେ ୩୬,୯୭୮ କୋଟି ଟଙ୍କା , ରାଜ୍ୟର ନିଜସ୍ୱ ଟିକସ ୪୬ ହଜାର କୋଟି , ନିଜସ୍ୱ ଅଣଟିକସ ରାଜସ୍ୱ ୪୮,୨୦୦ କୋଟି ଟଙ୍କାର ଓ କେନ୍ଦ୍ରୀୟ ଅନୁଦାନ ବାବଦକୁ ମିଳିବାକୁ ଥିବା ୩୨,୭୮୯ କୋଟି ଟଙ୍କା ଅର୍ନ୍ତଭୁକ୍ତ। ଏହା ନିଜସ୍ୱ ରାଜସ୍ୱ , ସାମଗ୍ରୀକ ରାଜ୍ୟ ଘରୋଇ ଉତ୍ପାଦର ୧୩.୨ ପ୍ରତିଶତ ହେବ। ରାଜ୍ୟ ବଜେଟ୍ ରେ ନିଜସ୍ୱ ରାଜସ୍ୱର ଅଂଶ , କେନ୍ଦ୍ର ସରକାରଙ୍କ ଠାରୁ ପ୍ରାପ୍ତ ଅଂଶଧନ ଠାରୁ ଯଥେଷ୍ଟ ଅଧିକ ହୋଇଥିବାରୁ ଏହା ରାଜ୍ୟର ଅର୍ଥନୈତିକ ପ୍ରଗତିର ଏକ ଲକ୍ଷଣ।

ଜନ୍ମବେଦୀରେ ମହାପ୍ରଭୁ, ଆଜି ଆଡ଼ପ ଅବଢ଼ା

ପୁରୀ, ୦୨/୦୭ (ନି.ପ୍ର): ଜନ୍ମବେଦୀରେ ବିରାଜିଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ, ଦେବୀ ସୁଭଦ୍ରା, ଶ୍ରୀବଳଭଦ୍ର ଓ ଶ୍ରୀ ସୁଦର୍ଶନ। ଆସନ୍ତାକାଲି ଅର୍ଥାତ୍ ରବିବାର ଠାରୁ ଶ୍ରଦ୍ଧାଳୁଙ୍କୁ ମିଳିବ ଆଡ଼ପ ଅବଢ଼ା। ଆଜି ଅପରାହ୍ନ ପ୍ରାୟ ୨ଟା ୪୫ରେ ତିନି ରଥ ସନ୍ଧ୍ୟାଧୂପ ସମ୍ପୂର୍ଣ୍ଣ ହୋଇଥିଲା। ପରେ ଗୁଣ୍ଡିଚା ମନ୍ଦିର ଆଗରେ ତିନି ରଥରେ ବିରାଜିତ ମହାପ୍ରଭୁମାନଙ୍କ ଆଡ଼ପ ମଣ୍ଡପ ବିଜେ ନୀତି ଆରମ୍ଭ ହୋଇଥିଲା। ଅପରାହ୍ନ ୩ଟା ୧୦ରୁ ୫ଟା ୧୦ ପର୍ଯ୍ୟନ୍ତ ତିନି ରଥର ଘୋଡ଼ା ଫିଟା ଯାଇ ଚାରମାଳ ବନ୍ଧା ଯାଇଥିଲା। ଅପରାହ୍ନ ୫ଟା ୪୦ରେ ରଥରୁ ମଦନମୋହନ, କୃଷ୍ଣ, ବଳରାମ ଆଡ଼ପ ମଣ୍ଡପକୁ ବିଜେ କରିଥିଲେ। ସନ୍ଧ୍ୟା ୬ଟାରେ ମହାପ୍ରଭୁ ବଳଭଦ୍ର ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ। ପରେ ପରେ ସନ୍ଧ୍ୟା ୭ଟା ୨୦ରେ ଦେବୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ପହଣ୍ଡି ହୋଇ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଇଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ବେଳେ ପ୍ରବଳ ବର୍ଷା ହୋଇଥିଲା। ଯାହା ପରିବେଶକୁ ଶୀତଳ କରିଦେଇଥିଲା। ମହାପ୍ରଭୁମାନେ ଆଡ଼ପ ମଣ୍ଡପକୁ ବିଜେ କରିବା ପରେ ରାତିର ନୀତିକ୍ରାନ୍ତି ଆରମ୍ଭ ହୋଇଥିଲା । ▶▶ପୃଷ୍ଠା ୭

ଗୃହରେ ୪ ଟି ବିଲ୍ ଉପସ୍ଥାପିତ

ଭୁବନେଶ୍ୱର,୦୨/୦୭ (ନି.ପ୍ର): ବିଧାନସଭାର ପ୍ରଥମ ଦିନରେ ଶନିବାର ଆଇନ୍ ପ୍ରଣୟନ ପାଇଁ ୪ ଟି ବିଲ୍ ଉପସ୍ଥାପିତ ହୋଇଛି। ଅର୍ଥମନ୍ତ୍ରୀ ନିରଂଜନ ପୂଜାରୀ ଗୋଟିଏ ବିଲ୍ ଉପସ୍ଥାପନ କରିଥିବା ବେଳେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତି ରଂଜନ ଘଡାଇ ୩ ଟି ବିଲ୍ ଉପସ୍ଥାପନ କରିଛନ୍ତି। ଉପସ୍ଥାପତ ହୋଇଥିବା ବିଲ୍ ଗୁଡିକ ହେଲା ଓଡିଶା ବିତୀୟ ଉତରଦାୟୀ ଓ ବଜେଟ୍ ପରିଚାଳନା (ସଂଶୋଧନ) ବିଲ୍ ୨୦୨୨ , ଡ୍ରିମସ୍ ବିଶ୍ୱବିଦ୍ୟାଳୟ ଓଡିଶା ବିଲ୍ ୨୦୨୨ , ସି ଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ, ଓଡିଶା (ସଂଶୋଧନ) ବିଲ୍ ୨୦୨୨ ଏବଂ ଗାନ୍ଧୀ ଯାନ୍ତ୍ରିକ ଓ ପ୍ରଯୁକ୍ତି ବିଦ୍ୟା ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଓଡିଶା (ସଂଶୋଧନ) ବିଲ୍ ୨୦୨୨ ।

ଗୁଣ୍ଡିଚା ମନ୍ଦିରର ୨୦ରୁ ଅଧିକ ରୋଷଘର ଚୂଲି ଭାଙ୍ଗିଦେଲେ ଦୁର୍ବୃତ୍ତ

ଭୁବନେଶ୍ୱର,୦୨/୦୭ (ନି.ପ୍ର): ଭାଙ୍ଗିଲା ଗୁଣ୍ଡିଚା ମନ୍ଦିରର ରୋଷଘର ଚୂଲି । ୨୦ରୁ ଅଧିକ ଚୂଲି ଭାଙ୍ଗିଦେଲେ ଦୁର୍ବୃତ୍ତ । କୋଠଭୋଗ ଚୂଲିକୁ ଛାଡି ସବୁ ଚୂଲି ଭାଙ୍ଗିଦେଲେ । ଘଟଣାସ୍ଥଳରେ ପହଞ୍ଚି ଉପଜିଲ୍ଲାପାଳଙ୍କ ତଦନ୍ତ ଆରମ୍ଭ କରିଛନ୍ତି । ବର୍ତ୍ତମାନ ଚୂଲି ଗୁଡିକର ମରାମତି ଚାଲିଛି । ଆଡପ ଅବଢା ▶▶ପୃଷ୍ଠା ୭

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଶିବସେନାରୁ ବହିଷ୍କୃତ

ନୂଆଦିଲ୍ଲୀ, ୦୨/୦୭ : ଦଳରୁ ବିଦା ହେଲେ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ । ଶିବ ସେନାର ବିଦ୍ରୋହୀ ନେତା ଏକନାଥ ସିନ୍ଦେ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ହେବା ପରେ ଦଳର ମୁଖ୍ୟ ଉଦ୍ଧବ ଠାକରେ ତାଙ୍କୁ ଦଳରୁ ବିଦା କରିଛନ୍ତି । ଦଳୀୟ ସଂଗଠନରେ ଶିବସେନା ନେତା ପଦରୁ ତାଙ୍କୁ ବିଦା କରାଯାଇଛି । ଦଳ ପକ୍ଷରୁ ଏନେଇ ଚିଠି ଜାରି କରାଯାଇଛି । ଏଥିରେ କୁହାଯାଇଛି ଯେ, ସିନ୍ଦେ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଅଛନ୍ତି । ଶିବସେନା ପ୍ରକାଶ ପ୍ରମୁଖ ଭାବେ ଉଦ୍ଧବ ଠାକରେଙ୍କ ଉପରେ ନ୍ୟସ୍ତ ହୋଇଥିବା କ୍ଷମତା ଅନୁଯାୟୀ ସେ ଏକନାଥ ସିନ୍ଦେଙ୍କୁ ଶିବସେନା ନେତା ପଦରୁ ବିଦା କରିଛନ୍ତି । ଏହାରି ଭିତରେ ଆଜି ଗୋଆରେ ଥିବା ବିଦ୍ରୋହୀ ବିଧାୟକ ମୁମ୍ବାଇ ଫେରିବେ । ଏଥିପାଇଁ ଗୋଆରେ ପହଞ୍ଚିଛନ୍ତି ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ । ସେପଟେ ଆସନ୍ତା ୪ ତାରିଖରେ ଆସ୍ଥା ଭୋଟର ସମ୍ମୁଖୀନ ହେବ ମହାରାଷ୍ଟ୍ରର ନୂଆ ସରକାର । ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ନବଗଠିତ ଶିବସେନା ଓ ବିଜେପି ସରକାର ସଂଖ୍ୟା ଗରିଷ୍ଠତାର ପ୍ରମାଣ ଦେବେ । ରାଜ୍ୟପାଳ ଜୁଲାଇ ୩ ଓ ୪ ତାରିଖ ଦୁଇ ଦିନ ସ୍ୱତନ୍ତ୍ର ଅଧିବେଶନ ଡାକିଛନ୍ତି । ନୂଆ ମୁଖ୍ୟମନ୍ତ୍ରୀ ଏକାନଥ ସିନ୍ଦେ କହିଛନ୍ତି ତାଙ୍କ ପାଖରେ ୧୭୦ ବିଧାୟକଙ୍କ ସମର୍ଥନ ରହିଛି । ଏହାରି ମଧ୍ୟରେ ବିଜେପି ବିଧାୟକ ରାହୁଲ ନର୍ବେକର ବିଧାନସଭା ବାଚସ୍ପତି ପଦ ପାଇଁ ଆବେଦନ କରିଛନ୍ତି । ଆବଶ୍ୟକ ପଡ଼ିଲେ ଜୁଲାଇ ୩ ତାରିଖରେ ଏହି ପଦ ପାଇଁ ନିର୍ବାଚନ ହେବ । ଗତବର୍ଷ ଫେବୃଆରୀରେ କଂଗ୍ରେସର ନାନା ପାଟୋଲେ ଇସ୍ତଫା ଦେବା ପରେ ପରଠାରୁ ଏହି ପଦବୀ ଖାଲି ପଡ଼ିଛି ।

ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ

ଭୁବନେଶ୍ୱର,୦୨/୦୭ (ନି.ପ୍ର): ଶନିବାର ଠାରୁ ଆରମ୍ଭ ହୋଇଛି ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନ। ଆଜି ଅପରାହ୍ନରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ । ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଜୁଲାଇ ୨ ତାରିଖରୁ ଆରମ୍ଭ ହୋଇ ଅଗଷ୍ଟ ୪ ତାରିଖ ଯାଏଁ ଚାଲିବ। ଚଳିତ ମୌସୁମୀ ଅଧିବେଶନରେ ସମୁଦାୟ ୨୪ଟି କାର୍ଯ୍ୟ ଦିବସ ରହିଛି। ଜୁଲାଇ ୩୦ ତାରିଖରେ ବ୍ୟୟ ମଞ୍ଜୁରୀ ବିଲ୍ ଆଗତ କରାଯିବ। ପ୍ରଥମ ପର୍ଯ୍ୟାୟରେ ଜୁଲାଇ ୨ରୁ ୬ ତାରିଖ ଯାଏ ଗୃହ ଚାଲିବ। ଜୁଲାଇ ୭ରୁ ୧୨ ତାରିଖ ପର୍ଯ୍ୟନ୍ତ ଗୃହ ମୁଲତବୀ ରହିବ। ୧୩ ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଆରମ୍ଭ ହୋଇ ଅଗଷ୍ଟ ୪ ତାରିଖ ଯାଏ ଚାଲିବ। ବାଚସ୍ପତି ଭାବେ ବିକ୍ରମ କେଶରୀ ଆରୁଖ ପ୍ରଥମ ଥର ପାଇଁ ଗୃହ ପରିଚାଳନା କରୁଛନ୍ତି । ଅଧିବେଶନ ପୂର୍ବରୁ ଗତ ବୁଧବାର ଦିନ ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତ ଥର କୋଭିଡ୍ କଟକଣା ମଧ୍ୟରେ ବିଧାନସଭାର ଗୃହ କାର୍ଯ୍ୟ ୫ ଘଂଟା ପରିବର୍ତେ ୬ ଘଂଟା ଯାଏ ଚାଲିବ ବୋଲି ଏହି ବୈଠକରେ ନିଷ୍ପତ୍ତି ଗ୍ରହଣ କରା ଯାଇଥିଲା ।

ନୁପୂର ଶର୍ମାଙ୍କ ବକ୍ତବ୍ୟକୁ ନେଇ ବିଧାନସଭାରେ କଂଗ୍ରେସ ଓ ବିଜେପି ବିଧାୟକ ସାମ୍ନା ସାମ୍ନି

ଭୁବନେଶ୍ୱର,୦୨/୦୭ (ନି.ପ୍ର): ବିଜେପିର ପୂର୍ବତନ ପ୍ରବକ୍ତା ନୁପୁର ଶର୍ମାଙ୍କ ବକ୍ତବ୍ୟ ଓ ଏହାକୁ ନେଇ ସୁପ୍ରିମ କୋର୍ଟ ଦେଇଥିବା ମନ୍ତବ୍ୟକୁ ନେଇ ଆଜି ବିଧାନସଭାରେ ପ୍ରବଳ ହଟ୍ଟଗୋଳ ହୋଇଛି । ଏହାକୁ ନେଇ ବାଚସ୍ପତିଙ୍କୁ ଗୃହ ବାରମ୍ବାର ମୁଲତବୀ ରଖିବାକୁ ପଡିଥିଲା । ଶେଷରେ ବାଚସ୍ପତି ଗୃହକୁ ୧୨.୪୬ରୁ ଅପରାହ୍ନ ୪ଟା ଯାଏ ମୁଲତବୀ ରଖିଥିଲେ । ପ୍ରଶ୍ନକାଳ ପରେ ଶୂନ୍ୟକାଳରେ କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ଏହି ପ୍ରସଙ୍ଗ ଉଠାଇଥିଲେ । ସେ ବିଜେପିର ପ୍ରବକ୍ତା ନୁପୂର ଶର୍ମା ଦେଇଥିବା ବକ୍ତବ୍ୟ ପରେ ସୁପ୍ରିମକୋର୍ଟ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାକୁ ଉଲ୍ଲେଖ କରି କେନ୍ଦ୍ରର ବିଜେପି ସରକାରଙ୍କୁ କାଠଗଡାରେ ଠିଆ କରାଇବାକୁ ଚେଷ୍ଟା କରିଥିଲେ । ବିଜେପି ଦଳର ଉପନେତା ବିଷ୍ଣୁ ସେଠୀ ଏହାର ପ୍ରତିବାଦ କରିଥିଲେ ଓ କହିଥିଲେ ଯେ ଏହି ମାମଲାରେ ବିଜେପି ନୁପୂରଙ୍କୁ ନିଲମ୍ବିତ କରି ସାରିଛି ଓ ସେ ଏକ ପ୍ରକାର କ୍ଷମା ମଧ୍ୟ ମାଗି ସାରିଛନ୍ତି । ରାଜସ୍ଥାନର କଂଗ୍ରେସ ଶାସନରେ ଉଦୟପୁର ଠାରେ ଜଣେ ବ୍ୟକ୍ତିଙ୍କୁ ଗଳା କାଟି ହତ୍ୟା କରିବା ଘଟଣାକୁ ନେଇ ସେ କଂଗ୍ରେସକୁ ଟାର୍ଗେଟ କରିଥିଲେ ।

ଦିଲ୍ଲୀ ପରେ ପଞ୍ଜାବରେ ମାଗଣା ହେଲା ବିଜୁଳି

ନୂଆଦିଲ୍ଲୀ, ୦୨/୦୭ : ଦିଲ୍ଲୀ ପରେ ପଞ୍ଜାବର ମାଗଣା ହେଲା ବିଜୁଳି ସେବା । ୩୦୦ ୟୁନିଟ ପର୍ଯ୍ୟନ୍ତ ବ୍ୟବହାର କଲେ ଏହି ମାଗଣା ସେବା ଯୋଗାଇ ଦିଆଯିବ । ନିଜର ପୂର୍ବ ଘୋଷଣା ମୁତାବକ ଜୁଲାଇ ୧ତାରିଖରେ ରାଜ୍ୟରେ ଏହାକୁ ଲାଗୁ କରିଛନ୍ତି ଆପ୍ ସରକାର । ତେବେ ଏହି ମାଗଣା ବିଜୁଳି ପାଇଁ କେତେକ ସର୍ତ ମଧ୍ୟ ରଖିଛନ୍ତି ଭଗୱନ୍ତ ମାନ୍ ସରକାର । ଶାସନକୁ ଆସିବା ପରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ରାଜ୍ୟର ମାଗଣା ବିଜୁଳି ଯୋଗାଇ ଦେବାକୁ ଘୋଷଣା କରିଥିଲେ । ଏବେ ଜୁଲାଇ ୧ତାରିଖରୁ ଏହାକୁ ଲାଗୁ କରିବା ପରେ ଏନେଇ ଖବରକାଗଜରେ ମଧ୍ୟ ବିଜ୍ଞାପନ ପ୍ରକାଶ ପାଇଛି । ଜୁଲାଇ ୧ତାରିଖରୁ ମାସକ ୩ଶହ ୟୁନିଟ ମାଗଣା ବିଜୁଳି ସହ ୩୧ ଡିସେମ୍ବର ୨୦୨୧ ପୂର୍ବର ସମସ୍ତ ବିଜୁଳି ବିଲକୁ ଛାଡ଼ କରାଯାଇଥିବା ଏହି ବିଜ୍ଞାପନର ଲେଖାଅଛି ।

୪୮ ଘଂଟାରେ ଲଘୁଚାପ, ରାଜ୍ୟରେ ବଢିବ ବର୍ଷା

ଭୁବନେଶ୍ୱର,୦୨/୦୭ (ନି.ପ୍ର): ବଙ୍ଗଳାଦେଶ ଏବଂ ତାର ପାର୍ଶ୍ୱବର୍ତୀ ଅଂଚଳରେ ଗୋଟିଏ ଘୁର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଏହା ପ୍ରଭାବରେ ଆଗାମୀ ୪୮ ଘଂଟା ମଧ୍ୟରେ ଉତର ଓଡିଶା ଏବଂ ତାର ପାର୍ଶ୍ୱବର୍ତୀ ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏଥିଯୋଗୁଁ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ ବିଭାଗ କହିଛି ଯେ ଲଘୁଚାପ ପ୍ରଭାବରେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ୪ରୁ ୫ ଦିନ ପ୍ରବଳ ବର୍ଷିବ। କେତେକ ସ୍ଥାନରେ ୭ରୁ ୧୧ ସେମି ପର୍ଯ୍ୟନ୍ତ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ବେଳେ କେତେକ ସ୍ଥାନରେ ଅତି ପ୍ରବଳ ବର୍ଷା ଅର୍ଥାତ୍ ୧୧ରୁ ୨୦ ସେମି ପର୍ଯ୍ୟନ୍ତ ବର୍ଷା ହୋଇପାରେ। ଆସନ୍ତା ୨୪ ଘଂଟା ମଧ୍ୟରେ ୨୪ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡିକ ହେଲା କଟକ, ଢେଙ୍କାନାଳ, ସମ୍ବଲପୁର, ଅନୁଗୁଳ, ଯାଜପୁର, କୋରାପୁଟ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ନୟାଗଡ, ଗଜପତି, ଗଂଜାମ, ସୁନ୍ଦରଗଡ, କେନ୍ଦୁଝର, ମୟୁରଭଂଜ, ମାଲକାନଗିରି, ନବରଙ୍ଗପୁର, ନୂଆପଡା, ଦେବଗଡ, ବରଗଡ ଓ କଳାହାଣ୍ଡି। ସେହିପରି ୩ରୁ ୪ ତାରିଖ ମଧ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ୮ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଏବଂ ପ୍ରବଳ ବର୍ଷା ନେଇ ୧୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଏହି ସମୟ ମଧ୍ୟରେ ବରଗଡ, ସମ୍ବଲପୁର, କେନ୍ଦୁଝର, ଦେବଗଡ, ଭଦ୍ରକ, ଯାଜପୁର, ଢେଙ୍କାନାଳ ଓ ଅନୁଗୁଳ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଏହି ଜିଲ୍ଲାଗୁଡିକୁ ଅରେଂଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ବୌଦ୍ଧ, କଳାହାଣ୍ଡି, ବଲାଙ୍ଗୀର, ନୂଆପଡା, କନ୍ଧମାଳ, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଟକ , ମୟୁରଭଂଜ , ଝାରସୁଗୁଡା , ସୋନପୁର, ସୁନ୍ଦରଗଡ ଓ ବାଲେଶ୍ୱର ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

ବିଜେବି କଲେଜ ହଷ୍ଟେଲରୁ ଛାତ୍ରୀଙ୍କ ମୃତଦେହ ଉଦ୍ଧାର

ସୁଇସାଇଡ୍ ନୋଟ୍‌ରେ ସିନିୟରଙ୍କ ନିର୍ଯାତନାରୁ ଆତ୍ମହତ୍ୟା କରୁଥିବା ଉଲ୍ଲେଖ



ଭୁବନେଶ୍ୱର,୦୨/୦୭ (ନି.ପ୍ର): ଭୁବନେଶ୍ୱର ବିଜେବି କଲେଜ ଛାତ୍ରୀଙ୍କ ମୃତଦେହ ଲେଡିଜ ହଷ୍ଟେଲରୁ ଉଦ୍ଧାର ହୋଇଛି। ମୃତ ଛାତ୍ରୀଙ୍କ ନାମ ରୁଚିକା ମହାନ୍ତି। ସେ ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ରୀ। ସେ କାରୁବାକି ହଷ୍ଟେଲରେ ରହୁଥିଲେ। ଖବର ପାଇ ଘଟଣାସ୍ଥଳରେ ବଡଗଡ଼ ଥାନା ପୋଲିସ ପହଂଚି ଶବକୁ ଜବତ କରିବା ସହ ତଦନ୍ତ କରୁଛି। ହଷ୍ଟେଲ ରୁମ୍ ରୁ ଏକ ସୁଇସାଇଡ୍ ନୋଟ୍ ମିଳିଛି। ଯେଉଁଥିରେ ସିନିୟର ଛାତ୍ରୀମାନେ ତାଙ୍କୁ ରାଗିଂ କରୁଥିବାରୁ ସେ ଆତ୍ମହତ୍ୟା କରିଥିବା ଲେଖିଛନ୍ତି। ଏନେଇ ମୃତ ଛାତ୍ରୀଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ଏହାସହ ପରିବାର ଲୋକ କାର୍ଯ୍ୟାନୁଷ୍ଠାନ ଦାବିରେ ହଷ୍ଟେଲ ଆଗରେ ଧାରଣା ଦେଇଛନ୍ତି। ସୂଚନା ଅନୁଯାୟୀ କଟକ ଜିଲ୍ଲା କଖଡ଼ି ଗାଁର ରୁଚିକା ମହାନ୍ତି ବିଜେବି ମହାବି

ଡାହାଣି ସନ୍ଦେହରେ ୫ ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

ବାରିପଦା,୦୨/୦୭ (ନି.ପ୍ର): ଏକ ଡାହାଣୀ ସେନ୍ଦହେର ହତ୍ୟା ମାମଲାର ବିଚାର କରି ମୟୂରଭଂଜ ଅତିରିକ୍ତ ଜିଲ୍ଲା ଦୌରାଜଜ(୧) ପ୍ରବୀର କୁମାର ଚୌଧୁରୀ ଘଟଣାର ସମ୍ପୃକ୍ତ ଗୋଟିଏ ପରିବାରର ୫ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ଆଜୀବନ କାରାଦଣ୍ଡାଦେଶ ଓ ପ୍ରେତ୍ୟକଙ୍କୁ ୫ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦେୟ ପ୍ରେତ୍ୟେକ ଅଧିକ ୫ମାସ ଜେଲ ଦଣ୍ଡ ଭୋଗିବାକୁ ରାୟଦେଇଛନ୍ତି । ଉକ୍ତ ଜରିମାନା ଟଙ୍କା ଆଦାୟ ହେଲ ଘଟଣାରେ ପୋଡହୋଇ ଆହତ ହୋଇଥିବା ସୀତା ମୁର୍ମୁଙ୍କୁ ପ୍ରଦାନ ପାଇଁ ରାୟେର ଉଲ୍ଲେଖ କରିଛନ୍ତି । ଦଣ୍ଡିତ ହୋଇଥିବା ଅଭିଯୁକ୍ତମାନଙ୍କ ମଧ୍ୟେର କୁଳିଅଣା ଥାନା ଅଧୀନ ଡୁମୁରୁଡ଼ିହା ଗ୍ରାମର ରମେ ମୁର୍ମୁ(୬୦), ତାଙ୍କ ପତ୍ନୀ ମାହି ମୁର୍ମୁ(୫୫), ବଡ଼ପୁଅ ସୁକୁଲ ମୁର୍ମୁ (୨୭), ବଡ଼ପୁଅର ବୋହୂ ଚିତା ମୁର୍ମୁ ଓ ସାନପୁଅ ନରସିଂହ ମୁର୍ମୁ (୨୬) ବୋଲି ଜଣାଯାଇଛି । ସୂଚନା ମୁତାବକ ଗତ ତା୨୪/୦୬/୨୦୧୮ ରିଖେର ଅଭିଯୁକ୍ତ ରାମେ ମୁର୍ମୁଙ୍କ ଭଉଣୀ ଭଗେ ମୁର୍ମୁଙ୍କ ଶରୀର ଅସୁସ୍ଥ ଥିବାରୁ ଭାଇ ରାମେ ତାଙ୍କୁ ନିଜ ଘରକୁ ଆଣି ଝଡାଫୁଙ୍କା ଆରମ୍ଭ କରିଥିଲା । ଏହି ସମୟରେ ଭାଗେର ଝିଅ ସୋମବାରୀ ମାମୁଁଙ୍କ ଘରକୁ ମାଆର ଶରୀର ଅବସ୍ଥା ସମ୍ପର୍କରେ ବୁଝିବାକୁ ଯାଇଥିଲା । ଗୁଣିଗାରେଡି ଭାବେ ରାମେ ଝଡାଫୁଙ୍କା କରି ଭାଣିଜୀ ସୋମବାରୀକୁ ଡାହାଣୀ ଆଖ୍ୟା ଦେଇଥିଲା । ଡାହାଣୀ ଛଡ଼ାଇବା ପାଇଁ ରାମେର ସ୍ତ୍ରୀ ମାହି, ଦୁଇ ପୁଅ ନରସିଂହ ଓ ସୁକୁଲ ଏବଂ ସୁକୁଲର ସ୍ତ୍ରୀ ଚିତା ମିଳିତ ଭାବେ ସୋମବାରୀକୁ ଶାବଳ, ଗଇଁତି ଓ ତ୍ରୀଶୂଳ ମାଧ୍ୟମରେ ଆକ୍ରମଣ କରିଥିଲେ । ଏହି ସମୟରେ ସୀତା ମୁର୍ମୁ ପହଂଚି ସୋମବାରୀକୁ ଉଦ୍ଧାର କରିବା ସମୟରେ ନିଆଁରେ ପୋଡି ହୋଇ ଗୁରୁତର ଆହତ ହୋଇଥିଲେ । ରକ୍ତ କୁଡୁବୁଡୁ ଅବସ୍ଥାରେ ସୋମବାରୀ ଚିତ୍କାର କରିବାରୁ ତାର ଭାଇ ରାମ ପହଂଚି ଭଉଣୀକୁ ଉଦ୍ଧାର କରି ବାରିପଦା ପିଆରଏମ ମେଡିକାଲକୁ ଆମ୍ବୁଲାନ୍ସ ଯୋଗେ ଆଣିବା ବାଟରେ ସୋମବାରୀଙ୍କର ମୃତ୍ୟୁ ହୋଇଯାଇଥିଲା । ରାମ କୁଳିଅଣା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ କେସ ନଂ ୩୫/୧୮ରେ ଏକ ହତ୍ୟା ମାମଲା ରୁଜୁ କରି ସାଇଂଟିଫିକ ଟିମ ମାଧ୍ୟମରେ ନମୁନା ସଂଗ୍ରହ କରି ହତ୍ୟାରେ ବ୍ୟବହୃତ ଅସ୍ତ୍ରଶସ୍ତ୍ରକୁ ଜବତ କରିଥିଲେ । ହତ୍ୟାକାଣ୍ଡରେ ଜଡିତ ଥିବା ସମସ୍ତ ଅଭିଯୁକ୍ତକୁ ଗିରଫ କରି କୋଟର୍ଚାଲାଣ ମଧ୍ୟ କରିଥିଲା । ମାମଲାକୁ ସରକାରୀ ଆଇନଜୀବୀ କୃଷ୍ଣଚନ୍ଦ୍ର ଦାସ ପରିଚାଳନା କରୁଥିବା ବେଳେ, ପୋଲିସର ତଦନ୍ତ ରିପୋର୍ଟ, ଡାକ୍ତରୀ ରିପୋର୍ଟ ଏବଂ ୩୩ ଜଣ ସାକ୍ଷୀଙ୍କ ବୟାନକୁ ଭିତି କରି ଓଡିଶା ସ୍ୱତନ୍ତ୍ର ଡାହାଣୀ ନିରୋଧ ଆଇନ ୫ ଓ ୬ ଅନୁଯାୟୀ ଅଭିଯୁକ୍ତ ମାନଙ୍କୁ ଉପରୋକ୍ତ ଦଣ୍ଡବିଧାନ ଶୁଣାଣି କରିଛନ୍ତି ମାନ୍ୟବର ଅଦାଲତ । ତେବେ ଆଦିବାସୀ ଅଧୁଷିତ ମୟୂରଭଂଜ ଜିଲ୍ଲାରେ ଏବେବି ଅଂଧବିଶ୍ୱାସ ଜନୀତ ହତ୍ୟାକାଣ୍ଡ ଅନୁପାତିକ ଭାବେ ଅଧିକ ସଂଖ୍ୟାରେ ଘଟୁଥିବା ବେଳ, ଏଭଳି ଦଣ୍ଡାଦେଶ ଏକ ଉଦାହରଣ ବୋଲି ଆଲୋଚନା ହେଉଛି ।

ଜଳେଶ୍ୱର ରେଳ ଯାତ୍ରୀଙ୍କ ସୁବିଧା ଲାଗି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା

ଜଳେଶ୍ୱର ୨/୭(ନି.ପ୍ର) : ଜଳେଶ୍ୱର ରେଳ ଷ୍ଟେସନରୁ ଦୈନିକ ପ୍ରାୟ ୩୦୦ ଯାତ୍ରୀ ଯାତାୟାତ କରୁଥିବା ବେଳେ ସେମାନଙ୍କ ସର୍ବନିମ୍ନ ସୁବିଧା ମିଳୁନଥିବାରୁ ଅସନ୍ତୋଷ ଚରମସୀମାରେ ପହଞ୍ଚିଛି । ପୂର୍ବଭଳି ସମସ୍ତ ଟ୍ରେନ୍ ଯାତାୟାତ ନ କରିବା, ବର୍ଦ୍ଧିତ ମୂଲ୍ୟରେ ରେଳଭଡା ନିଆଯିବା, ପୂର୍ବଭଳି ଷ୍ଟେସରୁ ସବୁ ଟିକଟ ନ ମିଳିବା, ପୂର୍ବ ରେଳ ସାରଣୀରେ ରେଳ ଚଳାଚଳ ନ ହେବା, ବରିଷ୍ଠ ନାଗରିକ, ମହିଳା ଓ ଛାତ୍ରଛାତ୍ରୀଙ୍କୁ ରିହାତି ମୂଲ୍ୟରେ ଟିକଟ ନ ମିଳିବା ଇତ୍ୟାଦି ନେଇ ଜଳେଶ୍ୱରସ୍ଥିତ ସମାଜ କଲ୍ୟାଣ ବିକାଶ ପକ୍ଷରୁ ରେଳ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ହୋଇଛି । ଖଡଗପୁର ଡିଆର୍ଏମ୍‌ଙ୍କ ପ୍ରତିନିଭାବେ ଜଳେଶ୍ୱର ଷ୍ଟେସନ ମ୍ୟାନେଜର ଖଗେନ୍ଦ୍ର ନାଇ ମଣ୍ଡଳଙ୍କ ସହିତ ସମାଜ କଲ୍ୟାଣ ବିକାଶ ପରିଷଦର ସଂପାଦକ ଆଇନ୍‌ଜିବୀ ରାମଚନ୍ଦ୍ର ଜେନା, ଙ୍ଗ ରାମଚନ୍ଦ୍ର ସାହୁ, ଶରତ ଚନ୍ଦ୍ର ପରିଡା, ଡ. ଅଜିତ୍ କୁମାର ମହାନ୍ତି, ଜଗନ୍ନାଥ ଗୋଛାୟତ ଓ ଅବନୀ ଚାନ୍ଦ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଖଡଗପୁରରୁ ଭଦ୍ରକ ଓ ଭୁବନେଶ୍ୱର ଯାତାୟାତ ଲାଗି ଫାଷ୍ଟ ପାସେଞ୍ଜର ଓ ଏହାର କିଛି ସମୟପରେ ମେମୋ ଚଳାଚଳ କରୁଥିବାରୁ ଯାତ୍ରୀମାନଙ୍କ ବିଶେଷ ଉପକାରରେ ଆସୁନାହିଁ । ତେଣୁ ମେମୋ ଟ୍ରେନ୍‌କୁ ୬.୪୦ ପରିବର୍ତ୍ତେ ପୂର୍ବପରି ୮.୨୦ରେ ଚଳାଚଳକ କରାଯିବାକୁ ଆଲୋଚନା କରାଯାଇଛି । ସେହିପରି ୧ନଂ ପ୍ଲାଟଫର୍ମରୁ ୪ନଂ ପ୍ଲାଟଫର୍ମକୁ ଏକ ନୂତନ ଫୁଟ ଓଭାର ବ୍ରିଜ୍ ନିର୍ମାଣ ହେବାକୁ ଯାଉଥିବା, ଏବେ ୧ନଂରୁ ୩ନଂ ଯାଏ ଥିବା ଫୁଟ ଅଭରବ୍ରିଜ୍‌କୁ ୪ନଂ ଯାଏ ସମ୍ପ୍ରସାରଣ କରିବା କାର୍ଯ୍ୟ ଆରମ୍ଭ ହେବାକୁ ଯାଉଥିବା ସଂପର୍କରେ ଡିଆର୍ଏମ୍ ପ୍ରତିନିଧି ଷ୍ଟେସନ ମ୍ୟାନେଜର ଶ୍ରୀ ମଣ୍ଡଳ କହିଛନ୍ତି । ଦିଲ୍ଲିରୁ ପୁରୀ ଯାଉଥିବା ଟ୍ରେନ୍ ଗୁଡିକର ସାଧାରଣ ଟିକଟ ଷ୍ଟେସନରୁ ମିଳିବା ସଂପର୍କରେ ସେ ସୂଚନା ଦେଇଥିଲେ । ଅଗଷ୍ଟମାସ ୫ସୁଦ୍ଧା ରେଳବାଇ ପୂର୍ବଭଳି ସମସ୍ତ ସୁବିଧା ସୁଯୋଗ ଜନସାଧାରଣଙ୍କୁ ମିଳିବ ବୋଲି ଆଲୋଚନାରୁ ଜଣା ପଡିଛି ।

ମୁମ୍ବାଇ ଅଣୁଶକ୍ତି ନଗରରେ ଓଡିଆ ପାଳିଲେ ରଥଯାତ୍ରା

ବାଲିଆପାଳ,୦୨/୦୭ (ନି.ପ୍ର): ମୁମ୍ବାଇସ୍ଥିତ ଅଣୁଶକ୍ତି ନଗରରେ ଓଡିଆଙ୍କ ଦ୍ୱାରା ପବିତ୍ର ରଥଯାତ୍ରା ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଅଣୁଶକ୍ତି ନଗର କଲୋନୀରେ ପରମାଣୁ ଉର୍ଜା ବିଭାଗର ବିଭିନ୍ନ ସଂସ୍ଥାରେ କାର୍ଯ୍ୟରତ ପାଖାପାଖି ୩୫୦ ଓଡିଆ ପରିବାରଙ୍କ ପ୍ରଚେଷ୍ଟାରେ ଅନ୍ୟ ସମୁଦାୟର ଲୋକମାନେ ଜାତି ଧର୍ମ ସଂପ୍ରାଦାୟ ନିର୍ବିଶେଷରେ ଗତ କିଛି ବର୍ଷ ହେଲା ଏହି ରଥଯାତ୍ରା କରିଆସୁଛନ୍ତି । କରୋନା ଯୋଗୁଁ ବିଗତ ୨ ବର୍ଷ ଧରି ଏହି ଉତ୍ସବ ବନ୍ଦ ଥିବାବେଳେ ଏ ବର୍ଷ ପୁନଃବାର ଉତ୍ସାହହ ଓଉଦୀପନା ସହକାରେ ମହାପ୍ରଭୁଙ୍କ ଏହି ଘୋଷ ଯାତ୍ରା ଅନୁଷ୍ଠିତ ହୋଇଛି । ଏହି ଯାତ୍ରାରେ ଠାକୁରଙ୍କ ନିମନ୍ତେ ୧୫ ଫୁଟ ଉଚ୍ଚତା ବିଶିଷ୍ଟ ରଥ ନିର୍ମାଣ କରାଯିବା ସହ ଓଡିଶାରୁ ସ୍ୱତନ୍ତ୍ର କାରୀଗରୀ ଥିବା ଚାନ୍ଦୁଆ ଓ ରଥ କନା ଅଣାଯାଇଥିଲା । ଆଜି ସକାଳେ ଠାକୁରଙ୍କ ସମସ୍ତ ରୀତିନୀତି ସଂପନ୍ନ ପରେ ୩ ଠାକୁରଙ୍କୁ ରଥ ରୋଢ କରାଯାଇଥିଲା । ଶଙ୍ଖ ଘଣ୍ଟା ,ବାଦ୍ୟ ହରିବଲ ହୁଳୁ ହୁଳୁ ଦେଇ ଭକ୍ତମାନେ ରଥକୁ ଟାଣି ଥିଲେ । ପରେ ଠାକୁରଙ୍କୁ କଲୋନୀରେ ଅସ୍ଥାୟୀ ଗୁଣ୍ଡିଚା ଘରେ ସ୍ଥାପନ କରାଯାଇଥିଲା । ବାହୁଡା ଯାତ୍ରା ପର୍ଯ୍ୟନ୍ତ ଏଠାରେ ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିବା କମିଟି ସଦସ୍ୟ ମାନେ କହିଛନ୍ତି । ଏହି ରଥଯାତ୍ରାକୁ ନେଇ ମୁମ୍ବାଇରେ ଥିବା ସମସ୍ତ ଓଡିଆ ଓ ଅଂଚଳବାସୀଙ୍କ ମଧ୍ୟରେ ଆଗ୍ରହ ଓ କୋତହୂଳ ଦେଖିବାକୁ ମିଳିଛି ।

ବୁଦ୍ଧ ମନ୍ଦିର ପରିସରରେ ବୌଦ୍ଧସ୍ତୁପର ଶିଳାନ୍ୟାସ

ଭୁବନେଶ୍ୱର,୦୨/୦୭ (ନି.ପ୍ର): ଭାରତୀୟ ମହାବୋଧି ସମିତି, ଓଡ଼ିଶା ଶାଖା ପରିଚାଳନା କମିଟିର ପୂର୍ବ ନିଷ୍ପତି କ୍ରମେ ପବିତ୍ର ଶ୍ରୀଗୁଣ୍ଡିଚା ଅବସରରେ ଦିବା ୧୦ ଘଟିକା ସମୟରେ ଭୁବନେଶ୍ୱର ବୁଦ୍ଧ ମନ୍ଦିର ପରିସରରେ ବୌଦ୍ଧସ୍ତୁପ ଓ ଧ୍ୟାନକେନ୍ଦ୍ର ନିମନ୍ତେ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ତଥା ସର୍ବଭାରତୀୟ ଉପସଭାପତି ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଉପସ୍ଥିତିରେ ଉନ୍ନୟନ କମିଟିର ଅଧ୍ୟକ୍ଷ ପୂର୍ବତନ ପ୍ରଶାସକ ନରେନ୍ଦ୍ର କୁମାର ମିଶ୍ର, ପୂର୍ବତନ ରାଷ୍ଟ୍ରଦୂତ ଅବସର ବେଉରିଆ, ସମ୍ପାଦକ ତଥା ଟ୍ରଷ୍ଟି ଡଃ ସୌରେନ୍ଦ୍ର କୁମାର ମହାପାତ୍ର ମିଳିତ ଭାବେ ଶିଳାନ୍ୟାସ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଜୀବନ ସଦସ୍ୟ ଡଃ ବଦ୍ରୀନାଥ ପଟ୍ଟନାୟକ, ସହ କୋଷାଧ୍ୟକ୍ଷ ନବୀନ କୁମାର ସାହୁ, ସିଦ୍ଧାର୍ଥ ପଣ୍ଡା ଓ ଡଃ ଅସିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

ହେମଚନ୍ଦ୍ର ସୀମାନ୍ତ ସଂସ୍କୃତ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ

୨୯ବର୍ଷ ଧରି ମିଳିନି କିଛି ସରକାରୀ ଅନୁଦାନ : ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ଭବିଷ୍ୟତ ଅନିଶ୍ଚିତତା

ଜଳେଶ୍ୱର, ୨/୭(ନି.ପ୍ର) : ଓଡିଶା ଓ ପଶ୍ଚିମବଂଗ ଉପାନ୍ତ ନେତୁଆ ପଂଚାୟତର ଶାହାପୁର ଗାଁରେ ଦୀର୍ଘ ୨୯ବର୍ଷ ପୂର୍ବେ ଗଢି ଉଠିଥିବା ଏକ ସଂସ୍କୃତ ବିଦ୍ୟାଳୟ ଏବେ ଅନିଶ୍ଚିତତା ମଧ୍ୟରେ ଚାଲିଛି ବୋଲି ଆଜି ପ୍ରତିଷ୍ଠା ଦିବସ ଅବସରରେ ମତପ୍ରକାଶ ପାଇଛି । ଫଳରେ ୯ଜଣ ଶିକ୍ଷକ ଓ କର୍ମଚାରୀ ଏବଂ ୨୦୪ ଜଣ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟରେ ଗତି କରୁଛି ।

୧୯୯୫ ମସିହାରେ ହେମଚନ୍ଦ୍ର ସୀମାନ୍ତ ସଂସ୍କୃତ ବିଦ୍ୟାଳୟ ଗଢି ଉଠିଥିଲା । ୭୦ଜଣ ଛାତ୍ରଛାତ୍ରୀଙ୍କୁ ନେଇ ୬ଷ୍ଠ ଓ ସପ୍ତମ ଶ୍ରେଣୀ ଖୋଲା ଯାଇଥିବା ବେଳେ ଏବେ ୧୦ମ ଶ୍ରେଣୀ ଯାଏ ୨୦୪ଜଣ ଛାତ୍ରଛାତ୍ରୀ ଅଧ୍ୟୟନରତ । ଏଥିରେ ଥିବା କର୍ମଚାରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ଅଦ୍ୟାବଧି କୌଣସି ସରକାରୀ ଅନୁଦାନ ପାଉନଥିବା ବେଳେ ସମସ୍ତ ଛାତ୍ରଛାତ୍ରୀ ସବୁ ସରକାରୀ ସୁବିଧାରୁ ବଂଚିତ ହୋଇ ଆସୁଛନ୍ତି । କିନ୍ତୁ ବୈଜ୍ଞାନୀକ ପ୍ରଫେସର ସୁଶିଲ କୁମାର ଦଉନିଜ ପ୍ରଚେଷ୍ଟାରେ ୨ ମହଲା ବିଶିଷ୍ଟ ବିଦ୍ୟାଳୟ ପ୍ରତିଷ୍ଠା କରିବା ସହିତ ସ୍କୁଲ ବେଢାରେ ଏକ ଜଗନ୍ନାଥ ମନ୍ଦିର ଓ ନିକଟରେ ଖେଳ ପଡିଆ ରହିଛି । ଆଜି ପୂର୍ବାହ୍ନରେ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଅବସରପ୍ରାପ୍ତ ଶିକ୍ଷକ ସୁକୁମାର ଦତ୍ତ ପୌରହିତ୍ୟ କରି ବିଦ୍ୟାଳୟର ଅତୀତ ଇତିହାସ ଓ ସାମ୍ପ୍ରତିକ ପରିସ୍ଥିତିରେ ସରକାରୀ ନିୟମ ଅନୁସାରେ ଖାପ ଖୁଆଇ ଚଳିବା କିପରି ଅସୁବିଧା ସୃଷ୍ଟି ହେଉଛି

ସେ ସମ୍ପର୍କରେ କହିଥିଲେ । ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ ଯୋଗ ଦେଇ ଉପାନ୍ତ ଅଂଚଳରେ ଦୁଇ ରାଜ୍ୟର ଛାତ୍ରଛାତ୍ରୀ ଶିକ୍ଷାଲାଭ କରୁଥିବା ଏହି ବିଦ୍ୟାଳୟ ସରକାରୀ ସ୍ୱିକୃତି ପାଇଥିଲେ ମଧ୍ୟ ଅନୁଦାନ ପାଉନଥିବାରୁ ସେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ । ମୁଖ୍ୟବକ୍ତାଭାବେ ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା ଯୋଗ ଦେଇ ସରକାରୀ ନିତିନିୟମ ଅନୁଯାୟୀ ବିଦ୍ୟାଳୟଟି ଗଣ୍ଡେ ଖାଇ ଦଣ୍ଡେ ଜିଇବା ନିତିରେ ରହିଥିବାରୁ ଅନିଶ୍ଚିତତା ଭିତରେ ଶିକ୍ଷକ ଓ ଶିକ୍ଷାର୍ଥୀ ସମୟ କାଟୁଛନ୍ତି । ଏଥିଲାଗି ସରକାରୀ ଅନୁଦାନ ପାଇବାପାଇଁ ସେ ଚେଷ୍ଟା କରିବେ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଗିଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁ, ସମାଜସେବୀ ଲେଲିନ୍ ପ୍ରଧାନ, ସଂଜୟ କୁମାର ପାଣ୍ଡା, ସଂଚିତା ସେନାପତି, କମଳାକାନ୍ତ ଦାସ, ଗୁରୁପ୍ରସାଦ ରାଉଳ, ଶୁଭ୍ରାଂଶୁ ସେଖର ଦାସମହାପାତ୍ର, ବେଣୁଧର ଜେନା, ମଧୁସୂଦନ ସେନାପତି ପ୍ରମୁଖ ଅତିଥିଭାବେ ଯୋଗ ଦେଇ ଏକ ପ୍ରତିନିଧି ଦଳ ବିଭାଗୀୟ ମନ୍ତ୍ରୀଙ୍କ ସହ ସାକ୍ଷାତ କରିବେ ବୋଲି ସିଦ୍ଧାନ୍ତ ନେଇଥିଲେ । ଶେଷରେ ଧରିଣୀକାନ୍ତ ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

ଗୋରୁ ବେପାରୀ ଆକ୍ରମଣରେ ପୁଲିସ କର୍ମଚାରୀ ଆହତ

ବସ୍ତା,୦୨/୦୭ (ନି.ପ୍ର): ଗୋରୁ ବେପାରୀ ଙ୍କ ଆକ୍ରମଣ ରେ ପୋଲିସ କର୍ମଚାରୀ ଗୁରୁତର ହେବା ଘଟଣା ଉକ୍ତ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି ।, ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ଧୃତପୁରା ଗ୍ରାମରେ ଗତକାଲି ରାତି ରେ ବେଆଇନ ଭାବରେ ଗୋରୁ ବୋଝେଇ ହୋଇଥିବା ଏକ ଟାଟା ଏସି ଗାଡି କୁ ସ୍ଥାନୀୟ ଲୋକେ ଅଟକ ରଖି ବସ୍ତା ପୋଲିସ କୁ ଖବର ଦେଇଥିଲେ , ଖବର ପାଇ ଘଟଣା ସ୍ଥଳରେ ଅମର୍ଦାରୋଡ ଫାଣ୍ଡି ପୋଲିସ କନେଷ୍ଟବଳ ପହଞ୍ଚି ଉକ୍ତ ଗାଡିକୁ ଜବତ କରି ବାଲେଶ୍ୱର ରେ ଥିବା ଗୋଶାଳା କୁ ନେଇ ଯାଇଥିଲେ । ଗୋଶାଳା ରେ ଗୋରୁ ଗୁଡିକୁ ଛାଡି ଅମର୍ଦ୍ଦା ଫେରୁଥିବା ସମୟ ରେ ଉକ୍ତ ଗୋରୁ ଗାଡି ର ଡ୍ରାଇଭର ହଳଦିପଦା ଛକ ନିକଟରେ ଗାଡି ରେ ବସିଥିବା ଅମର୍ଦାରୋଡ଼ ର କନେଷ୍ଟ ବଳ ରମେଶ ଦାସଙ୍କୁ ଭୁଜାଲି ରେ ଆକ୍ରମଣ କରିବା ପାଇଁ ଉଦ୍ୟମ କରୁଥିବା ବେଳେ ସେ ଭୟଭୀତ ହୋଇ ଜୀବନ ବଞ୍ଚାଇବା ପାଇଁ ଗାଡି ରୁ ତଳକୁ ଡେଇଁ ପଡ଼ିଥିଲେ, ।ଏହାପରେ ବସ୍ତା ଥାନାକୁ ସେ ଫୋନ ଯୋଗେ ଜଣାଇବା ପରେ ବସ୍ତା ପୋଲିସ ହଳଦୀପଦା ରେ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରାଇଛନ୍ତି , । ରମେଶ ଙ୍କ ମୁହଁ ହାତ ଏବଂ ଜଙ୍ଘ ରେ ଗଭୀର ଆଘାତ ଲାଗିଛି, ତେବେ ରମେଶ ଗାଡି ରୁ ଡେଇଁ ପଡିବା ପରେ ଗାଡି ର ଡ୍ରାଇଭର ଗାଡି ନେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଛି ବୋଲି କନେଷ୍ଟବଳ କହୁଛି । , ତେବେ ଏଠି ପ୍ରଶ୍ନ ଉଠୁଛି ପୋଲିସ ରାତି ଅଧିଆ ଗାଡି ଜବତ କରିବା ପରେ କାହିଁକି ତରବରିଆ ଭାବେ ଗୋଶାଳା କୁ ଗୋରୁ ବୋଝେଇ ଟାଟା ଏସି ଯାଇଥିଲା ନା ଗାଡି ଗୋଶାଳା କୁ ନ ଯାଇ ଗୋରୁ ସମେତ ଗାଡିକୁ ଖସେଇଦେବା ପାଇଁ ପୋଲିସ ଉଦ୍ୟମ କରୁଥିଲା , ଯାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଏସ୍‌ସିବିରେ ରୋଗୀସେବା ପାଇଁ ଚିନ୍ତା ନାହିଁ : ମେଡିସିନ୍ ବିଭାଗରେ ନାହାନ୍ତି ଅଧା ଡାକ୍ତର

କଟକ ,୦୨/୦୭ (ନି.ପ୍ର): ରାଜ୍ୟରେ ସର୍ବବୃହତ୍ ସରକାରୀ ସ୍ୱାସ୍ଥ୍ୟସେବା ଯୋଗାଉଥିବା ଅନୁଷ୍ଠାନ ହେଉଛି କଟକର ଏସ୍‌ସିବି ମେଡିକାଲ୍ କଲେଜ ଓ ହସ୍ପିଟାଲ୍ । ରାଜ୍ୟବାସୀଙ୍କ ଆଶା ଭରସାର ପ୍ରତୀକ ବି ଏସ୍ ?ସିବି । ଏଥିପାଇଁ ରାଜ୍ୟ ସରକାର ଏହାକୁ ବିଶ୍ୱସ୍ତରୀୟ କରିବା ପାଇଁ କୋଟିକୋଟି ଟଙ୍କା ନିର୍ମାଣ କାର୍ଯ୍ୟରେ ଲଗାଇ ଦେଇଛନ୍ତି । କିନ୍ତୁ, ରୋଗୀଙ୍କୁ ସେବା ଦେବାକୁ ଥିବା ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କ ଗୁରୁତର ସଙ୍କଟ ଏବେ ଏସ୍‌ସିବିକୁ ଧୀରଧୀରେ ପଙ୍ଗୁ କରିଦେଇଛି । କୋଠାବାଡ଼ି କ'ଣ ରୋଗୀ ସେବା ଯୋଗାଇବ ବୋଲି ପ୍ରଶ୍ନ ଉଠୁଛି । କେବଳ ଚିକିତ୍ସା ସେବା ନୁହେଁ, ଡାକ୍ତର ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନଠାରୁ ଆରମ୍ଭ କରି ସେମାନଙ୍କ ଗବେଷଣା ବି ଏଥିରେ ପ୍ରଭାବିତ ହେବାକୁ ଯାଉଛି ।

ତଥ୍ୟ ଅନୁଯାୟୀ, ଏସସିବିର ୮ଟି ବିଭାଗରେ ଏବେ ପ୍ରଫେସର ନାହାନ୍ତି । ସରକାର ଯଦି ବର୍ତ୍ତମାନ ପଦକ୍ଷେପ ନ ନିଅନ୍ତି, ତେବେ ଖୁବଶୀଘ୍ର ଆଉ ୨/୩ଟି ବିଭାଗ ମଧ୍ୟ ପ୍ରଫେସର ଶୂନ୍ୟ ହୋଇଯିବ । ମେଡିସିନ୍, ନେଫ୍ରୋଲୋଜି, ନ୍ୟୁରୋଲୋଜି ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଅଧା ଡାକ୍ତର ନାହାନ୍ତି । ମୋଟ୍‌ଉପରେ ଏବେ ଏସସିବିରେ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଏବଂ ବିଭିନ୍ନ ବିଭାଗରେ ଥିବା ୟୁନିଟ୍ ମୁଖ୍ୟ ଭଳି ୩୦ଟି ପଦ ଖାଲିପଡ଼ିଛି । ଟ୍ରମା କେୟାର ୟୁନିଟ୍‌ରେ ୮ଟି ଟ୍ରମା ଆଇସିୟୁ ମେଡିକାଲ ଅଫିସର ପଦ ବି ଖାଲିପଡ଼ିଛି । ଏସ୍‌ସିବିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମେଡିସିନ୍ ବିଭାଗରେ ୭ଟି ୟୁନିଟ୍ ରହିଥିବାବେଳେ ୩ ଜଣଙ୍କ ହାତରେ ୭ଟି ୟୁନିଟ୍‌ର ଦାୟିତ୍ୱ ରହିଛି । ୮ଟି ଆସୋସିଏଟ୍ ପ୍ରଫେସର ପଦ ମଧ୍ୟରୁ ୨ଜଣ, ୧୫ଟି ଏସ୍‌ଆର ପଦରୁ ମାତ୍ର ୨ଜଣ ରହିଛନ୍ତି । ଏଥିରେ ରୋଗୀ ସେବା ସହ ୮୭ ପିଜି ଡାକ୍ତରଙ୍କ ଶିକ୍ଷାଗ୍ରହଣ ବି ପ୍ରଭାବିତ ହେଉଛି । ନେଫ୍ରୋଲୋଜିରେ ବିଭାଗରେ ୨ଟି ଯାକ ପ୍ରଫେସର ପଦ ଖାଲିପଡ଼ିଛି । ୟୁରୋଲୋଜିରେ ଗୋଟିଏରୁ ଗୋ

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୩ ଜୁଲାଇ, ୨୦୨୨
email : rabibarachayan2015@gmail.com

ରବିବାର ଚୟନ

.....ସୁଚୟନ ସୁଚୟନ ସୁଚୟନ.....

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

ଧାରାବାହିକ : ଜୀବନାନୁଭୂତି

ଭାଗ-୮୧

ମୋର୍ ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ୍ୟ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ପୁରୀରେ ଅବସ୍ଥାନ

୧୯୩୩ ଡିସେମ୍ବର ମାସ ୭ ତାରିଖ ଦିନ ମୁଁ ବାଲେଶ୍ୱରରୁ ବଦଳି ହୋଇ ପୁରୀ ଚାଲିଗଲି । ଝିଅମାନଙ୍କ ବାର୍ଷିକ ପରୀକ୍ଷା ହେବାକୁ ଅଳ୍ପଦିନ ବାକି ଥିବାରୁ ସେମାନେ ବାଲେଶ୍ୱରରେ ରହିଗଲେ । ପରୀକ୍ଷା ଶେଷ ହେଲାପରେ ବଡ଼ଦିନ ଛୁଟି ମଧ୍ୟରେ ଆସି ସେମାନଙ୍କୁ ନେଇଗଲି । ସୁଷମା, ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରି ହାଇସ୍କୁଲର ଅଷ୍ଟମ ଶ୍ରେଣୀର ଉତ୍ତୀର୍ଣ୍ଣ ହେଲା । ତାହାର ଉପର ଭଉଣୀ ନିରୁପମାକୁ ୧୯୩୨ ମସିହାର ମଧ୍ୟ-ଇଂରାଜୀ ପରୀକ୍ଷା ସକାଶେ ବାଲେଶ୍ୱରର ବାଳିକା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନ ପଢ଼ାଇବା ଯୋଗୁଁ ରହିଯାଇଥିଲା । ୧୯୩୩ ମସିହାର ପରୀକ୍ଷାରେ ସୁଷମା ତୁଲ୍ୟ ପ୍ରଥମସ୍ଥାନ ଅଧିକାର କରି ନିରୁପମା ମଧ୍ୟ ଉତ୍ତୀର୍ଣ୍ଣ ହୋଇ ସ୍ମିଥ ପଦକ ପ୍ରାପ୍ତ ହେଲା । ଅପର ଝିଅ ସୁରମା, ନୀଳିମା ଓ ଉମା ମଧ୍ୟ ନିଜ ନିଜ ପରୀକ୍ଷାରେ କୃତିତ୍ୱ ସହକାରେ ଉତ୍ତୀର୍ଣ୍ଣ ହେଲେ । ଏ ସମସ୍ତଙ୍କ ଅସାଧାରଣ କୃତିତ୍ୱରେ ସମୁତ୍ସାହିତ ହୋଇ ପ୍ରଥମରେ ମୁଁ ସୁଷମାକୁ ଉଚ୍ଚଶିକ୍ଷା ଦେବାରେ ପ୍ରବୃତ୍ତ ହେଲି । ହାଇସ୍କୁଲର ନବମ ଶ୍ରେଣୀରେ ସେ ଭର୍ତ୍ତି ହେବ । ସେତେବେଳେ ବାଳିକାମାନଙ୍କ ଉଚ୍ଚ ଇଂରାଜୀ ଶିକ୍ଷା ସକାଶେ ସମଗ୍ର ଓଡ଼ିଶାରେ କଟକ ରେଭେନ୍ସା ବାଳିକା ସ୍କୁଲ ଏକମାତ୍ର ଅନୁଷ୍ଠାନ। ଆଜିକାଲି ପରି କୌଣସି ସ୍କୁଲରେ ବାଳକ ଓ ବାଳିକାମାନଙ୍କ ସହ ଶିକ୍ଷା ଜାରି ହୋଇନଥିଲା । ତେଣୁ ସୁଷମାକୁ ଏଠାରେ ରଖିଦେବା ବ୍ୟବସ୍ଥା କଲି । ନିରୁପମା ସକାଶେ ପିଲାଦିନରୁ ପାତ୍ର ସ୍ଥିରହୋଇ ରହିଥିଲା । ତାହାର ତେରବର୍ଷ ବୟସ ହୋଇଯାଇଥିଲା । ଅଳ୍ପଦିନ ପରେ ତାହାର ବିବାହ କରିଦେବି - ଏହି ବିବେଚନାରେ ତାହାର ଉଚ୍ଚଶିକ୍ଷା ସମ୍ବନ୍ଧରେ ମୋ ମନରେ ଭାବ ସୁଦ୍ଧା ଜାଗ୍ରତ ହେଲାନାହିଁ । ତାହାର ପାଠ ଏହିଠାରେ ବନ୍ଦ ରହିଲା । ସୁରମା, ନୀଳିମା ଓ ଉମା ସକାଶେ ପୁରୀରେ ମଧ୍ୟ-ଓଡ଼ିଆ ସ୍କୁଲରେ ସ୍ଥାନଅଛି । ମାର୍କଣ୍ଡେଶ୍ୱରସାହୀ ସ୍କୁଲରେ ଏମାନଙ୍କୁ ଭର୍ତ୍ତି କରିଦେବା ବ୍ୟବସ୍ଥା କଲି ଓ ମୁଁ ନିଜେ ଏମାନଙ୍କୁ ଘରେ ଇଂରେଜୀ ପଢ଼ାଇବାକୁ ଲାଗିଲି । ଏହି ପ୍ରକାରେ ଏମାନଙ୍କ ଶିକ୍ଷାର ବ୍ୟବସ୍ଥାଦ୍ୱାରା ମୋ ପରିବାରରେ ଆଧୁନିକ ଉଚ୍ଚ ଇଂରେଜୀ ଶିକ୍ଷାର ମୂଳ ପତ୍ତନ ସ୍ଥାପିତ ହେଲା କହିଲେ ଚଳେ । ପୁରୀକୁ ଆସିବା ଅଳ୍ପଦିନ ଉତ୍ତାରେ ମୁଁ ମାର୍କଣ୍ଡେଶ୍ୱର ସାହୀ ମଧ୍ୟସ୍ଥ ଓଡ଼ିଆ ବାଳିକା ସ୍କୁଲର କାର୍ଯ୍ୟନିର୍ବାହିକା ସମିତିର ସଦସ୍ୟ ପଦରେ ଓଡ଼ିଶା ଶିକ୍ଷା ବିଭାଗର ଡିରେକ୍ଟରଙ୍କ ଦ୍ୱାରା ମନୋନୀତ ହେଲି ।

ଓଡ଼ିଶାର ଉପକୂଳ ଅଞ୍ଚଳ, ଅର୍ଥାତ୍ କଟକ, ପୁରୀ ଓ ବାଲେଶ୍ୱର ଜିଲାରେ ବନ୍ୟା-ବିପ୍ଳାତ ଏକ ବାତ୍ସରିକ ବ୍ୟାପାର । ବିଗତ ବର୍ଷା ଋତୁରେ ବାଲେଶ୍ୱର ଜିଲାପରି ପୁରୀ ଜିଲାସ୍ଥ ଗୋପ, ନିମାପଡ଼ା ଓ କାକଟପୁର ଅଞ୍ଚଳରେ ଭୀଷଣ ବନ୍ୟା ଯୋଗୁଁ ସେହି ଅଞ୍ଚଳର ଅବାସୀମାନେ ଅତ୍ୟନ୍ତ କ୍ଷତିଗ୍ରସ୍ତ ହୋଇଥିଲେ । ଘରଦ୍ୱାର ଭାଙ୍ଗି ଜମିମାନ ବାଲିଚର ହୋଇ ଫସଲ ନଷ୍ଟ ହୋଇଯିବାରୁ ସେହି ଅଞ୍ଚଳରୁ ପଳାଇ ଆସି ଦଳ ଦଳ ଲୋକ ପୁରୀରେ ରୁଣ୍ଡ ହୋଇଥିଲେ । ସରକାରଙ୍କ ସାହାଯ୍ୟ ବିତରଣର ବ୍ୟବସ୍ଥା ହୋଇଥିଲେ ମଧ୍ୟ ତାହା ପର୍ଯ୍ୟାପ୍ତ ନୋହିବାରୁ ପୁରୀରେ ମଠବାଡ଼ିର ବଦାନ୍ୟତା ଉପରେ ନିର୍ଭର କରି ଅନେକ ଲୋକ ଆସି ସାହାଯ୍ୟ ନେଇ ଯାଉଥିଲେ । ଏହା ବାସ୍ତବରେ ଏକ ମର୍ମସ୍ପର୍ଶୀ ବ୍ୟାପାର । ଉପକୂଳ ଅଞ୍ଚଳରେ ବନ୍ୟା-ସମସ୍ୟାର ବ୍ୟାପାର ସମାଧାନ ଏ ପର୍ଯ୍ୟନ୍ତ ହୋଇନାହିଁ । କେବେ ଯେ ହେବ, ଭଗବାନଙ୍କୁ ଜଣା । ଦୁଇଶତ ବର୍ଷର ଇଂରେଜ ଶାସନରେ ବନ୍ୟାବିପ୍ଳାତ କ୍ରମେ ହ୍ରାସ ହେବା ତେଣେ ଥାଉ, ବରଂ ପ୍ରତିବର୍ଷ ବୃଦ୍ଧିପ୍ରାପ୍ତ ହେଉଥିଲା । ଭାରତର ସ୍ୱାଧୀନତା ପ୍ରାପ୍ତି ଉତ୍ତାରେ ସରକାର ହୀରାକୁଦ ବନ୍ଧ ନିର୍ମାଣ ପ୍ରଭୃତି ନାନାପ୍ରକାର ଯୋଜନା କରିଅଛନ୍ତି । ତହିଁରେ ମଧ୍ୟ ବନ୍ୟା ସମସ୍ୟା ସମାଧାନ ହୋଇପାରିନାହିଁ । ପୂର୍ବେ ଏହି ଅବସ୍ଥା ବିଦ୍ୟମାନ ନଥିବା ଅନୁମିତ ହୁଏ । ଯେହେତୁ ଲୋକେ ବର୍ତ୍ତମାନ ଯେପରି ଭାବରେ ଅଛନ୍ତି ଓ ଅଭାବରେ ଜୀବନଯାପନ କରୁଅଛନ୍ତି, ପୂର୍ବକାଳରେ ଅର୍ଥାତ୍ ଉତ୍କଳ ନରପତିଙ୍କ ଅମଳରେ ଦେଶରେ ଏତାଦୃଶ ଦୂରାବସ୍ଥା ବିଦ୍ୟମାନ ଥିଲେ ଚିରଶାନ୍ତି ଓ ପ୍ରାଚୁର୍ଯ୍ୟ ପରିଚାୟକ ବିଶ୍ୱବିଶ୍ରୁତ ବିଚିତ୍ର କାରୁକାର୍ଯ୍ୟ ମଣ୍ଡିତ ପୁରୀର ବଡ଼ଦେଉଳ, କୋଣାର୍କର ସୂର୍ଯ୍ୟ ମନ୍ଦିର, ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ପ୍ରଭୃତି ନିର୍ମାଣ ସମ୍ଭବପର ହୋଇନଥାନ୍ତା; ପୂର୍ବେ ବାଣିଜ୍ୟ ପ୍ରସାର ଉଦ୍ଦେଶ୍ୟରେ ଉପକୂଳବାସୀ ଓଡ଼ିଆମାନେ ଦୂର ବିଦେଶକୁ ବୋଇତ ଘେନି ଯାଇ ପ୍ରାଚ୍ୟ ଦ୍ୱୀପସମୂହରେ ଉପନିବେଶ ସ୍ଥାପନ ପାଇଁ ସମୟ ଓ ସୁବିଧା ଲାଭ କରିପାରିନଥାନ୍ତେ; ବାଣିଜ୍ୟଲବ୍ଧ ଧନରେ ଦେଶର ସ୍ୱଭଣ୍ଡାର ପୂର୍ଣ୍ଣ ହୋଇ ନଥାନ୍ତା ଗଙ୍ଗାରୁ ଗୋଦାବରୀ ପର୍ଯ୍ୟନ୍ତ ଭୂଖଣ୍ଡ ଓଡ଼ିଆ ନିରପତିଙ୍କ ଶାସନାଧୁକୃତ ହୋଇପାରି ନଥାନ୍ତା; କାବ୍ୟ ଓ ଚାରୁକଳା ପ୍ରଭୃତିର ସୌଷ୍ଠବରେ ଉତ୍କଳ ସମୃଦ୍ଧ ହୋଇ ନ ଥାନ୍ତା। ପରବର୍ତ୍ତୀ ଶାସନରେ କେବଳ ବନ୍ୟା ଓ ତଦାନୁସଙ୍ଗିକ ବିପ୍ଳାତ ଯୋଗୁଁ ଓଡ଼ିଆ ଅନ୍ତ ମୁଠାକ ସକାଶେ ଗୃହତ୍ୟାଗ କଲେ । ଦେଶ ମାରାତ୍ମକ ବ୍ୟାଗ୍ରସ୍ତ ହୋଇ ଛାରଖାର ହେବାକୁ ଲାଗିଲା । ଓଡ଼ିଆ ଆଉ ମୁଣ୍ଡ ଟେକି ରହିପାରିଲେ ନାହିଁ; ଶାରୀରିକ ଦୂରବସ୍ଥା ସହ ମାନସିକ ଓ ଆଧାର୍ମିକ ଅବନତି ପ୍ରାପ୍ତ ହୋଇ ଭାରତରେ ଏକ ନଗଣ୍ୟ ଜାତି ହୋଇ ରହିଲେ ।

ଏହିବର୍ଷ (୧୯୩୪) ଜାନୁୟାରୀ ୧୫ ତାରିଖ ଦିନ ପ୍ରାୟ ୧୨ଟା ବେଳେ ମୁଁ କଚେରୀରେ ମୋର ଇଜଲାସରେ ବସିଛି, ହଠାତ୍ ମେଜ, ଚୌକିପାନ ଦୋହଲିବାକୁ ଲାଗିଲା ଓ କଚେରୀ ଘର ଉପରେ କଟ୍ କଟ୍ ଶବ୍ଦ ଶୁଭିଲା । ଭୂମିକମ୍ପ ମନେକରି ତତ୍‌କ୍ଷଣାତ୍ ବାହାରକୁ ବାହାରି ଆସିଲି । ଦେଖିଲି, କଚେରୀର ପ୍ରାୟ ସମସ୍ତେ ବାହାରକୁ ଆସି ଛିଡ଼ା ହୋଇଅଛନ୍ତି ଓ ଭୂମିକମ୍ପଜନିତ ଆତଙ୍କରେ ଭୀତିଗ୍ରସ୍ତ ବୋଧ ହେଉଅଛନ୍ତି । ଭୂମିକମ୍ପ ଅଳ୍ପକ୍ଷଣ ସ୍ଥାୟୀ ହୋଇଥିଲା । ପରେ ସମ୍ବାଦପତ୍ରମାନଙ୍କରୁ ଜଣାଗଲା, ବିହାର ଅଞ୍ଚଳ ଏହି ଭୂମିକମ୍ପ ପ୍ରକୋପରେ ବିଧ୍ୱସ୍ତ ହୋଇଯାଇଅଛି ।

ଏହି ସମୟରେ ଟପ୍‌ଲିପ୍ ସାହେବ (A.R. Toplis, I.C.S.) ଓଡ଼ିଶାର କମିଶନର୍ । ୧୯୧୬ ମସିହାରେ ଉତ୍ତର ବିହାର ବନ୍ଦୋବସ୍ତରେ ତାଙ୍କ ସହିତ କାର୍ଯ୍ୟ କରିଥିଲି । ପୁରୀକୁ ଗସ୍ତରେ ଆସିଥିବା ସମୟରେ ସାକ୍ଷାତ କଲି । ୧୮ବର୍ଷ ପରେ ତାଙ୍କ ସହିତ ମୋର ଏହି ସାକ୍ଷାତ । ମୋତେ ଦେଖି ଚିହ୍ନିଲେ । ସମ୍ବଲପୁର ଜିଲ୍ଲାସ୍ଥିତ ଲରପଙ୍କ ଗ୍ରାମ କ୍ରୟ କରିବା ପାଇଁ ଅନୁମତି ସକାଶେ ତାଙ୍କଠାରେ ଦରଖାସ୍ତ ଦେଲି । ପୂର୍ବେ ଏହି ଅନୁମତି ଦେବା କ୍ଷମତା ସରକାର ନିଜ ହସ୍ତରେ ରଖିଥିଲେ । ଅଳ୍ପଦିନ ପୂର୍ବେ ତାହା କମିଶନରଙ୍କୁ ଦିଆହୋଇଥିଲା । ଦରଖାସ୍ତ ଦେବା ମାତ୍ରକେ ସାହେବ ଅନୁମତି ଲେଖିଦେଲେ ଓ ତଦନୁସାରେ ମୁଁ ତା ୨୩୦୬.୩୪ ରିଖରେ ତାକୁ କ୍ରୟ କଲି । (କ୍ରମଶଃ)

ପର୍ଦ୍ଦା ପଛର କଥା

ଭାଗ- ୫୫

ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ। ପ୍ରାୟ ୯୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି। ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ। ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ।

॥ ପ୍ରେମିକା ॥

ବେଳେବେଳେ କାହାଣୀରେ ଅତିରଞ୍ଜନ ଥାଏ ନାଟକୀୟତାର ଆବଶ୍ୟକତା ଦୃଷ୍ଟିରୁ । ମଣିଷର ଅବଚେତନ ସ୍ତରରେ ବହୁ ସ୍ୱପ୍ନ, ସଂଭାବନା ଧାଁ ଦଉଡ଼ କରୁଥାଏ । ଯାହାକି ବାସ୍ତବିକତା ଠାରୁ ବହୁ ଦୂରରେ । ଏକଦମ୍ ଅସମ୍ଭବ ମନେହୁଏ, ତଥାପି କିଛିକ୍ଷଣ ପାଇଁ ମଣିଷ ଉଲ୍ଲସିତ ହୁଏ । ସେଇଥିପାଇଁ ତ ଅସମ୍ଭବ ମନେ ହେଲେ ହେଁ ପ୍ରେକ୍ଷାଳୟରେ ଆମେ ତାଳିମାରୁ । ତେବେ କିଛି କାହାଣୀ ଜୀବନର ନିଛକ ଅନୁଭୂତିକୁ ଗତିଶୀଳ କରାଇଥାଏ । ଯଥାସମ୍ଭବ ରିଏଲିଷ୍ଟିକ୍ ଆପ୍ରୋଚ୍ ଦେଇ ଚିତ୍ରାୟନ କରାଯାଏ । ଏହିଭଳି ଭାବରେ ଚଳଚ୍ଚିତ୍ରର କାହାଣୀକୁ ଦୁଇଭାଗରେ ବିଭକ୍ତ କରାଯାଏ । ତେବେ ଏମିତି ଅନେକ କାହାଣୀ ଥାଏ ଯାହା ଫିଲ୍ମିକି ମନେ ହେଲେ ହେଁ ବାସ୍ତବ ।

ଏମିତି ଗୋଟିଏ କାହାଣୀ ଧରି ମୋ ପାଖରେ ପହଞ୍ଚି ଥିଲେ ବିଜୟ ବେହୁରା । ବିଜୟ ବାବୁ ବୃତ୍ତିରେ ଜଣେ ସଫ୍ଟୱେର ଇଞ୍ଜିନିୟର । ମାଡ୍ରାସ୍‌ରେ କାର୍ଯ୍ୟରତ । ମନରେ ଗୋଟିଏ କାହାଣୀର ପରିକଳ୍ପନା କରିଥାନ୍ତି, ଭୁବନେଶ୍ୱରରେ ତାଙ୍କର ବନ୍ଧୁ ଓ ସାନଭାଇଙ୍କୁ ଧରି ମୋ ପାଖରେ ପହଞ୍ଚିଲେ । ଇଚ୍ଛା କାହାଣୀଟିକୁ ଚଳଚ୍ଚିତ୍ର କରିବେ । ଏହା ବୋଧହୁଏ ୨୦୧୧ ମସିହାର କଥା । କାହାଣୀଟି ଯାହା ବର୍ଣ୍ଣନା କଲେ ମତେ ଲାଗିଲା କୌଣସି ହିନ୍ଦୀ ଫିଲ୍ମର ଅନୁକୃତି । କାରଣ କାହାଣୀଟି ସେମିତି ଲାଗିଲା । କିଛି ବଂଧୁଙ୍କୁ ଧରି ନାୟକ ବେଶ୍ୟାଳୟକୁ ମାନସିକ ମନୋରଂଜନ ପାଇଁ ଯାଉଛି । ସେଠି ଏକ ଝିଅକୁ ଦେଖୁଛି । ଯିଏକି ଅସହାୟ ଭାବରେ ବେଶ୍ୟାବୃତ୍ତିକୁ ଆପଣେଇ ନେବାକୁ ଏକରକମ ବାଧ୍ୟ ହେଉଛି । ସଂଯୋଗବଶତଃ ଝିଅଟି ନାୟକର ପ୍ରେମିକା । ତାକୁ ଉଦ୍ଧାର କରି ଘରକୁ ନେଇ ଆସୁଛି, ତାପରେ କାହାଣୀରେ ଟୁଇଷ୍ଟ ଆଉ ଟୁଇଷ୍ଟ । ନିମ୍ନ ମଧ୍ୟବିତ୍ତ ପରିବାରର ସମସ୍ୟା । ଗାଁ ଗଣ୍ଡା ଜନମାନସର ପ୍ରତିକ୍ରିୟା । ଦ୍ୱନ୍ଦ୍ୱ, ସଂଘର୍ଷ ମଧ୍ୟରେ କାହାଣୀ ଗତିଶୀଳ ହେଉଛି ।

କାହାଣୀଟିରେ ସେପରି କିଛି ନୂତନତ୍ୱ ଥିଲା ପରି ମୋର ମନେ ହେଲା ନାହିଁ । କାହାଣୀ ପରିବର୍ତ୍ତନ ପାଇଁ ପ୍ରସ୍ତାବ ଦେଲି । ମାତ୍ର ବିଜୟ ବାବୁ ରାଜି ହେଲେ ନାହିଁ । କାରଣ କାହାଣୀଟି ନିଛକ ସତ୍ୟ ଘଟଣା ଉପରେ ଆଧାରିତ ଥିଲା । ମୋର ବିଜୟ ବାବୁଙ୍କ କଥାରେ ବିଶ୍ୱାସ କି ଅବିଶ୍ୱାସ କରିବାର ଆଗ୍ରହ ହିଁ ନଥିଲା । କାରଣ ସେତେବେଳକୁ ମୁଁ ପୁରା ପ୍ରଫେସନାଲ ପାଲଟି ଯାଇଥିଲି । ତେବେ ନୂଆ କାହାଣୀ ଓ ନୂଆ ଟେକ୍ନିସିଆନ୍ ମାନଙ୍କ ସହ କାମ କରିବାର ଆଗ୍ରହ ଯାହା ସୃଷ୍ଟି ହେଉଥାଏ, କାହାଣୀରେ ଆଉ କିଛି ଯୋଗ କରିବା ପାଇଁ କହିଲି । ମାତ୍ର ବିଜୟ ବାବୁ ନଛଡ଼ୋବନ୍ଧା । ଯାହା କିଛି ଘଟିଛି ତାହାହିଁ କାହାଣୀରେ ରହିବ । ରିଅଲିଷ୍ଟିକ ଆପ୍ରୋଚ୍ ରହିବ ପୁଣି ବ୍ୟବସାୟିକ ଦୃଷ୍ଟିକୋଣରୁ ଚଳଚ୍ଚିତ୍ରଟି ନିର୍ମିତ ହେବ । ପାଣ୍ଡି ମଧ୍ୟ ସ୍ୱଚ୍ଛ ।

କାହାଣୀକୁ ଶୁଣାଇ ବିଜୟ ବାବୁ ପୁଣି କର୍ମକ୍ଷେତ୍ରକୁ ଫେରିଗଲେ ବିନା ଆଡଭାନ୍ସରେ । ମୋର ମଧ୍ୟ ବିଶ୍ୱାସ ନଥିଲା ବିଜୟ ବାବୁଙ୍କ ଉପରେ । କାହିଁକିନା ପ୍ରତିଦିନ କିଛି ସ୍ୱପ୍ନ ପାଗଳ ଫିଲ୍ମ କରିବା ପାଇଁ ସ୍ୱପ୍ନ ଦେଖନ୍ତି, ସ୍କ୍ରିପ୍ଟ ଲେଖା ଏପରିକି ମ୍ୟୁଜିକ ସୁଟିଂ ଯାଏ କଥା ଚାଲିଯାଏ ତା' ପରେ ସ୍ୱପ୍ନ ଦେଖିବା ବନ୍ଦ ହେଇଯାଏ । ମୁଁ ପ୍ରାୟ ଅନେକ ଗୁଡ଼ିଏ ସ୍କ୍ରିପ୍ଟ ଲେଖି ମୋ ଷ୍ଟଡି ରୁମ୍ ଥାକକୁ ମୋଟା କରି ଚାଲିଥାଏ । ତେଣୁ ଆଗ୍ରହ ନରହିବା ସ୍ୱାଭାବିକ । ବିଜୟବାବୁଙ୍କ ସହ ଆଲୋଚନା କାଳରେ ନିର୍ଦ୍ଦେଶକ କି ସଂଗୀତ ନିର୍ଦ୍ଦେଶକଙ୍କ କଥା ଆଲୋଚନା ହୋଇନଥାଏ ।

ଦିନେ ହଠାତ୍ ବିଜୟ ବାବୁଙ୍କ ଫୋନ୍ ପାଇଲି । ସ୍କ୍ରିପ୍ଟ କଥା ସହ ଶିବୁ ମହାନ୍ତି କିପରି ନିର୍ଦ୍ଦେଶକ ପଚାରିଲେ । ଶିବୁ ମୋ ସହ ପରିଚିତ । ଏକାଧାରରେ ସହ ନିର୍ଦ୍ଦେଶକ, କ୍ୟାମେରାମ୍ୟାନ୍ ଓ ଏଡିଟର । ବେଶ୍ କେତୋଟି ଧାରାବାହିକରେ ମୋ ସହିତ ପରିଚୟ । ତେବେ ସ୍ୱାଧୀନ ଭାବରେ ନିର୍ଦ୍ଦେଶନା ଦେଇନଥାନ୍ତି, ବିଜୟ ବାବୁଙ୍କୁ ସକାରାତ୍ମକ ମନ୍ତବ୍ୟ ଦେଇଦେଲି । ପରେ ଶିବୁଙ୍କ ଫୋନ୍ । ଗୋଟଏ ଫିଲ୍ମର କାମରେ ମାଡ୍ରାସରେ ବିଜୟ ବାବୁଙ୍କ ସହ ପରିଚୟ ପରେ ନିର୍ଦ୍ଦେଶନା ଦେବାକୁ ଆଗ୍ରହ ପ୍ରକାଶ କରିବା ଓ ବିଜୟ ବାବୁ ରାଜି ହୋଇଯିବା ଏ ସବୁ ତ୍ୱରିତ ଗତିରେ ଘଟିଗଲା । ଶିବୁ ଭୁବନେଶ୍ୱର ଫେରି କାହାଣୀ ଆଲୋଚନା କଲେ । ବିଜୟ ବାବୁ ପହଞ୍ଚିଲେ । ଭୁବନେଶ୍ୱର ମୁନିସିପାଲିଟି ଗେଷ୍ଟ ହାଉସରେ ସ୍କ୍ରିପ୍ଟ କାମ ଆଗେଇଲା । ମୂଳ କାହାଣୀକୁ ଅକ୍ଷୁର୍ଣ୍ଣ ରଖି ଆମେ ଚିତ୍ରନାଟ୍ୟ ପ୍ରସ୍ତୁତ କରିଥିଲୁ । ସଂଗୀତ ନିର୍ଦ୍ଦେଶନା ପାଇଁ ବହୁ ଫେମସ ରମେଶ ମହାନନ୍ଦଙ୍କୁ ନେବାପାଇଁ ଆମେ ସ୍ଥିର କଲୁ । ରମେଶ ମହାନନ୍ଦ ଜଣେ ଟ୍ୟାଲେଣ୍ଟେଡ୍ ସଂଗୀତ ନିର୍ଦ୍ଦେଶକ । ତେବେ କିଛି କାରଣରୁ ରମେଶ ମହାନନ୍ଦଙ୍କୁ ବାଦ୍ ଦିଆଯାଇ ବିଭୂତି ଗଡ଼ନାୟକଙ୍କୁ ନିଆଗଲା । ବୁଲୁ ନାୟକ ଥିବାବେଳେ ବଂଧୁ ଭାବରେ ରୁଦ୍ର ଓ ଅଭିଷେକ ଚୁକ୍ତିବଦ୍ଧ ହେଲେ । ନାୟିକା ଭାବରେ ପ୍ରକୃତି ମିଶ୍ର, ସୋନାଲୀ (ବେଙ୍ଗଲ)ଙ୍କୁ ନିଆଗଲା । ଅନ୍ୟାନ୍ୟଙ୍କ ମଧ୍ୟରେ ପରିଶିତି, ମୀତା ଚକ୍ରବର୍ତ୍ତୀ, ପ୍ରିୟଦା ରାୟ, ପୁଷ୍ପା ପଣ୍ଡା, ପ୍ରଭାତୀ ସାହୁ, ଦେବୁ ବୋଷ, ଅଶ୍ରୁମୋଚନ, ଅସିତ ପତି, ଦେବୁ ବ୍ରହ୍ମା ପ୍ରମୁଖ ପ୍ରମୁଖ ଭୂମିକାରେ ଥିଲେ । ଶଙ୍କର ମୁଭିଜ୍ ବ୍ୟାନରରେ ରେଜିଷ୍ଟ୍ରି ହୋଇଥିଲା । ମୋଟାମୋଟି ଭାବରେ କାଷ୍ଟିଂ ଦୃଷ୍ଟିରୁ ଚଳଚ୍ଚିତ୍ରଟି ସମୃଦ୍ଧ ଥିଲା । ଶିବୁ ମହାନ୍ତି ମଧ୍ୟ ଖୁବ୍ ଯତ୍ନ ସହକାରେ ନିର୍ଦ୍ଦେଶନା ଉପରେ ଗୁରୁତ୍ୱ ଦେଉଥିଲେ ।

ସୁଟିଂ ସମୟରେ ଚମତ୍କାର ଘଟଣାଟିଏ ଘଟିଥିଲା । ବେଶ୍ୟାଳୟ ସୁଟିଂକୁ ଅଧିକ ରିଅଲିଷ୍ଟିକ କରିବା ପାଇଁ କଲିକତାର ସୋନାଗାଛି ଅଂଚଳରେ କରିବା ପାଇଁ ନିର୍ଦ୍ଦେଶକ ସ୍ଥିର କଲେ । ବିନା ପରମିସନ୍‌ରେ ପୁଣି ସୋନାଗାଛି ଭଳି ସମ୍ବେଦନଶୀଳ ଲୋକେସନ୍‌ରେ ସୁଟିଂକୁ ଯଥାସମ୍ଭବ ସତର୍କତାର ସହ କରିବା ପାଇଁ ସ୍ଥିର କରାଯାଇ ଅଳ୍ପ ସଂଖ୍ୟକ ଟେକ୍ନିସିଆନ୍‌ଙ୍କୁ ନେଇ ଲୋକେସନକୁ ଗଲେ ନିର୍ଦ୍ଦେଶକ । ମାତ୍ର ଅଘଟଣ ଘଟିଲା । ସ୍ଥାନୀୟ ଗୁଣ୍ଡାମାନେ ୟୁନିଟ୍ ଉପରେ ଆକ୍ରମଣ କଲେ ଓ ନିଜକୁ ବଂଚାଇ ଫେରିବାକୁ ପଡ଼ିଲା । ହଠାତ୍ ଟ୍ୟାକ୍ସି ଖରାପ ହୋଇଯିବା ଓ ନିଶ୍ଚିତ ଅପ୍ରୀତିକର ଘଟଣାରୁ ରକ୍ଷା ପାଇଯିବା ଭଳି ଘଟଣାର ସାମ୍ନା କରିବାକୁ ପଡ଼ିଲା ।

ଚଳଚ୍ଚିତ୍ରଟି ଅଗଷ୍ଟ ୩୦ ତାରିଖ ୨୦୧୩ରେ ମୁକ୍ତିଲାଭ କରିଥିଲା । ବ୍ୟବସାୟିକ ଦୃଷ୍ଟିକୋଣରୁ ଅସଫଳ ହେଲା । ଅନେକ କାରଣରୁ ମୁଁ ମଧ୍ୟ ଖୁସି ନଥିଲି । ଚୁକ୍ତି ମୁତାବକ ପ୍ରାପ୍ୟରୁ ବଂଚିତ ହୋଇଥିଲି । ପରେ ପ୍ରଯୋଜକଙ୍କୁ ପଚାରିବାରେ ନିର୍ଦ୍ଦେଶକ ମତେ ମୋ ପ୍ରାପ୍ୟ ଟଙ୍କା ଦେବାପାଇଁ ବାରଣ କରିଥିବା କଥା କହିଲେ । ଆଶ୍ଚର୍ଯ୍ୟ ହୋଇଥିଲି । କ୍ଷୁବ୍ଧ ହୋଇଥିଲି । ମାତ୍ର ପ୍ରଯୋଜକଙ୍କ କଥାର ସତ୍ୟତା ଏଯାଏ ପରଖିନି, ଆଗ୍ରହ ବି ନାହିଁ । ଫିଲ୍ମ ଇଣ୍ଡଷ୍ଟ୍ରିରେ ବଂଧତ୍ୱ, ସେଣ୍ଟିମେଣ୍ଟର ମାନେ କିଛି ନଥାଏ । (କ୍ରମଶଃ)

କବିତା ●●●●●

॥ ମେଘରେ... ମେଘ ତୁ

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୦୩ ଜୁଲାଇ, ୨୦୨୨

ପ୍ରେମରେ ପ୍ରେମରେ ଗୀତି ....(୫୪)

■ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨ (ମୋ) ୯୮୬୧୧୪୪୯୯୧

॥ ମୁଁ ତୋର ଅବୁଝା ଛୁଆ ॥

ବୋଉ ! ମୋ' ବୋଉ !!
ଏଇ ଦୁନିଆଁରେ ବଞ୍ଚିବାକୁ ମୋର
ଇଚ୍ଛା ହେଉନାହିଁ ଆଉ ।
ଫେରେଇ ନେଏ ତୁ ତୋଅରି କୋଳକୁ
କାନ୍ଦିବି ମୁଁ କୁଆଁକୁଆଁ,
ପଣତରେ ତୋ'ର ପୋଛି ଦେଉଥିବୁ
ମୁଁ ତୋ'ର ଅବୁଝା ଛୁଆ,
ମୋର ପିଲାବେଳ ମୋ' ପାଖରେ ଥାଉ
ବଡ଼ ହେବି ନାହିଁ ଆଉ ।
ଗୁରୁଣ୍ଡୁ ଥିବି ମୁଁ ତୋ' ଆଖି ଆଗରେ
ଜଗିଥିବୁ ତୁହି ବସି,
ତୋର ହାତ ଥରି ଠିଆଠିଆ ହେଲେ
ଫାଟି ପଡୁଥିବୁ ହସି,
ଝୁଣ୍ଟିଝୁଣ୍ଟି ବୋଉ ଥକି ପଡ଼ିଲିଣି ଚାଲି ପାରୁନାହିଁ ଆଉ ।
ଭାଇ ଏବେ ମୋର ଭଗାରୀ ସାଜିଛି
ଭଉଣୀ ମାଗୁଛି ଭାଗ,
ଖଣ୍ଡିଏ ପିଠା ତୁ ବାଣ୍ଟି ଦେଉଥିଲୁ
ଖାଉଥିଲୁ ହୋଇ ସାଙ୍ଗ,
ଏବେ କାହା ବାଟ କେଉଁ ଆଡ଼େ କିଏ
କାହାକୁ ଖୋଜୁନୁ ଆଉ ।

ମୋ ଦୃଷ୍ଟିରେ ମୋ ସୃଷ୍ଟି...(୧୦)



'ମୋ ଦୃଷ୍ଟିରେ ମୋ ସୃଷ୍ଟି' ନାମକ ଏକ ବିଶେଷ ଆଲୋଚନା ନିୟମିତ ପ୍ରକାଶ କରିବାକୁ ଯାଉଛୁ, ଯାହାକି ଆମ ମାଟିର ଜଣେ ପ୍ରଥିତଯଶା ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ସାମଗ୍ରିକ ନାଟ୍ୟକୃତି ଉପରେ ଆଧାରିତ । ସେ ନିଜ ଭାଷା ଓ ଭାବନାରେ ନିଜ ନାଟକର ସମୀକ୍ଷାମୂଳକ ଆଲୋଚନା ଏହି ସ୍ତମ୍ଭରେ ଲେଖିବେ, ଯେଉଁଥିରେ କେଉଁ ପରିପ୍ରେକ୍ଷୀରେ ତଥା କେଉଁ ସମସ୍ୟାର ଉତ୍ପୀଡ଼ନରେ ସେ ଏଭଳି ଏକ ନାଟକ ସୃଷ୍ଟିକଲେ ଏବଂ ତାହା ଦର୍ଶକ ମହଲରେ କି ପ୍ରଭାବ ପକାଇଲା ତାର ଏକ ସଂକ୍ଷିପ୍ତ ବିବରଣୀ ଧ୍ୱନି ପ୍ରତିଧ୍ୱନିର ରବିବାର ସୁଚୟନ ପୃଷ୍ଠାରେ, ଜିଜ୍ଞାସୁ ପାଠକମାନଙ୍କ ପାଇଁ...

■ ହେମେନ୍ଦ୍ର ମହାପାତ୍ର

ସଂପାଦକ : ରଂଗମଞ୍ଚ, ସୁନହଟ, ବାଲେଶ୍ୱର-୨ (ମୋ) ୯୮୬୧୩୫୦୯୫୧

॥ 'ନୌକା ଯା' ଭାସିଯା' ଇତ୍ୟାଦି ॥

'କିନ୍ତୁ କାହିଁକି'ର ପାଣ୍ଡୁଲିପି ହାତଛଡ଼ା ହୋଇଗଲା ପରେ ମନଟା ଭୀଷଣ ଖରାପ ହେଲା । ଏଣେ ଅର୍ଥଚିନ୍ତା ଚମତ୍କାରର ଭାବନା ମୋତେ ନାଟକରୁ ପ୍ରାୟ ପଥଚ୍ୟୁତ କରି ଦେବ ଏ ଆଶଂକା ଜାତ ହେଲା । ଟ୍ରେନିଂ ଶେଷ ପରେ ଚାକିରୀ ଅନ୍ୱେଷଣ ହେଲା ସର୍ବପ୍ରଥମ କର୍ତ୍ତବ୍ୟ । ଚାକିରୀ ଖୋଜୁ ଖୋଜୁ ପ୍ରଥମେ ଚାକିରୀ ପାଇଲି ସାହୁପଡ଼ା ମ.ଇ. ବିଦ୍ୟାଳୟରେ । ସେଠାରେ ମାତ୍ର ତିନିମାସ ରହଣି କାଳରେ ପେଟେଣ୍ଟ ମେଡିସିନ ନାଟକଟି ପିଲାମାନଙ୍କ ଦ୍ୱାରା ମଂଚସ୍ଥ କରାଇଲି । ତା' ପରେ ସରକାରୀ ଚାକିରୀ ପାଇ ଭଦ୍ରକସ୍ଥ ନଳାଙ୍ଗ ପି.ଏସ୍.ଏମ.ଇ. ସ୍କୁଲରେ ଯୋଗଦେଲି । ନାଟକ ନିମନ୍ତେ ନଳାଂଗର ଭୂମିକା ବହୁଜନ ବିଦିତ । ସେତେବେଳକୁ ନଳାଂଗର ଯାତ୍ରାଦଳ ପ୍ରାୟ ନିଶ୍ଚିହ୍ନ ହୋଇଯାଇଥାଏ । କିନ୍ତୁ କର୍ପୂର ସିନା ଉଡ଼ିଯାଇଥାଏ କନା ଖଣ୍ଡିକ ସେମିତି ପଡ଼ିଥାଏ ରୀତିରେ ନାଟ୍ୟମନସ୍କ ଲୋକଙ୍କର ଅଭାବ ନଥାଏ । ସେଠାକାର ମାଟି ଗୋଡ଼ି ଗଛପତ୍ର ବି ନାଟ୍ୟ ପିପାସୁ । ସେଠାରେ ମୋର ଚାରିବର୍ଷ ରହଣି କାଳ ମଧ୍ୟରେ ଛୋଟବଡ଼ କେତେ ଖଣ୍ଡି ନାଟକ ଲେଖିଛି । ପ୍ରଥମେ ଲେଖିଲି 'ନୌକା ଯା' ଭାସିଯା' ।

ସେତେବେଳେ ଆମ ସୁନହଟସ୍ଥ ଚଳନ ମହଲରେ ବୋଇତବନ୍ଦାଣ ଉତ୍ସବ ମହା ଆଡ଼ମ୍ବରରେ ପାଳିତ ହେଉଥାଏ, ଯେଉଁ ଉତ୍ସବକୁ ବିଶିଷ୍ଟ କଣ୍ଠିଶିଳ୍ପୀ ସ୍ୱର୍ଗତ ଅକ୍ଷୟ ମହାନ୍ତି ଆସନ୍ତି ଏବଂ ନୂଆ ନୂଆ ଗୀତ ଶୁଣାଇ ଶ୍ରୋତା ମହଲରେ ବେଶ୍ ଆଲୋଡ଼ନ ସୃଷ୍ଟି କରାନ୍ତି । ତାଙ୍କ ସୁନ୍ଦର କଣ୍ଠର ଯାଦୁ ମୋତେ ତଥା ଆମକୁ ବେଶ୍ ଆକର୍ଷିତ କରେ । ଏମିତି ସେ ବର୍ଷର ନୂଆ ଗୀତ ଥିଲା 'ଯା'ରେ ଭାସି ଭାସିଯା' । ଗୀତର ସ୍ୱର ଯେମିତି ସୁନ୍ଦର ସାବଲୀଳ, ତାର କାହାଣୀ ମଧ୍ୟ ସେମିତି ନାଟକୀୟ ତଥା ସମୟାନୁଯାୟୀ ସମସ୍ୟା ଭିତ୍ତିକ । ସେ ଗୀତର ନାମ କାହାଣୀ ଓ ଅନ୍ତଃସ୍ୱରରେ ଆକର୍ଷିତ ହେଲି ଏବଂ ନାଟକଟି ବାଣିଜ୍ୟଭିତ୍ତିକ ତଥା ସାଂସ୍କୃତିକ ବାର୍ତ୍ତା ବିଶିଷ୍ଟ ହୋଇଥିବାରୁ ବୋଇତ ବନ୍ଦାଣ ଉତ୍ସବରେ ପ୍ରଦର୍ଶନ ପ୍ରାସଙ୍ଗିକ ହେବ ବୋଲି ଭାବି ଲେଖିଲି ।

'ନୌକା ଯା ଭାସିଯା' ଯାହାର ପ୍ରଥମ ଦୃଶ୍ୟରେ ଜଣେ ବିଦେଶ ଯାଇଥିବା ଯୁବକ ଜଣେ ବିଦେଶିନୀ ଯୁବତୀକୁ ବିବାହ କରି ନିଜ ପୈତୃକ ମାଟିକୁ ଆସେ । ଏଠାରେ କିନ୍ତୁ ତାର ପ୍ରଥମ ପତ୍ନୀ ଯିଏକି ଜଣେ ସଂସ୍କାରି ଖାଣ୍ଟି ଓଡ଼ିଆଣୀ ଥାଏ । ଏଇଠି ସଂଘର୍ଷ ଆରମ୍ଭ ହୁଏ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଂସ୍କୃତି ମଧ୍ୟରେ । ଯାହା ଥିଲା ନାଟକର ଦ୍ୱନ୍ଦ୍ୱ ଓ ସଂଘର୍ଷ ଶେଷରେ ପ୍ରାଚ୍ୟ ସଂସ୍କୃତି ପ୍ରଭାବରେ ମଳିନ ପଡ଼ିଯାଏ । ପାଶ୍ଚାତ୍ୟ ସଂସ୍କୃତି ଶେଷରେ ପାଶ୍ଚାତ୍ୟ ଯୁବତୀ ଜଣକ ପ୍ରଥମ ସ୍ତ୍ରୀର ସଉତୁଣୀ ନହୋଇ ଭଉଣୀ ହୋଇଯାଏ ଏବଂ ଜଣେ ଖାଣ୍ଟି ଓଡ଼ିଆଣୀ ଭାବରେ ଓଡ଼ିଶାର ସଂସ୍କୃତି ପରଂପରାକୁ ଆପଣେଇ ନିଜ ଦେଶକୁ ଫେରିଯାଏ । ତାକୁ ସେହି ନୌକାରେ ବସେଇ ବିଦାୟ ଦିଅନ୍ତି ସ୍ୱାମୀ ସ୍ତ୍ରୀ । ଏମିତି ନାଟକଟେ ମୋର ପ୍ରଥମ ଘଣ୍ଟିକିଆ ଅବଧିର ନାଟକ ସେ ସମୟରେ ସେ ଗୀତକୁ ସାଂଗରେ ଧରି ବେଶ୍ ଚର୍ଚ୍ଚିତ ହୋଇଥିଲା ।

> **ସେତେବେଳେ ଆମ ସୁନହଟସ୍ଥ ଚଳନ ମହଲରେ ବୋଇତବନ୍ଦାଣ ଉତ୍ସବ ମହା ଆଡ଼ମ୍ବରରେ ପାଳିତ ହେଉଥାଏ, ଯେଉଁ ଉତ୍ସବକୁ ବିଶିଷ୍ଟ କଣ୍ଠିଶିଳ୍ପୀ ସ୍ୱର୍ଗତ ଅକ୍ଷୟ ମହାନ୍ତି ଆସନ୍ତି ଏବଂ ନୂଆ ନୂଆ ଗୀତ ଶୁଣାଇ ଶ୍ରୋତା ମହଲରେ ବେଶ୍ ଆଲୋଡ଼ନ ସୃଷ୍ଟି କରାନ୍ତି । ତାଙ୍କ ସୁନ୍ଦର କଣ୍ଠର ଯାଦୁ ମୋତେ ତଥା ଆମକୁ ବେଶ୍ ଆକର୍ଷିତ କରେ ।**

ସେମିତି ସେହି ନଳାଂଗରେ ରଚିତ ଅନ୍ୟ ଏକ ନାଟକ- 'ତେଲ ଲୁଣରୁ କିଛି'- ଏହା ଏକ ଦାରୁଣ ଦାରିଦ୍ର୍ୟର କରୁଣ ଚିତ୍ର ବହନ କରୁଥିବା ଏକ ପାରିବାରିକ ନାଟକ । ଅବଶ୍ୟ ଚିରାଚରିତ କାହାଣୀ ଉପରେ ପର୍ଯ୍ୟବେସିତ ।

ତା' ପରେ ଲେଖିଲି 'ଝଡ଼ ଝଂକାର' । ବୋଧହୁଏ ୧୯୭୭ ମସିହା ଏପ୍ରିଲ ୧୪ ତାରିଖ ପଣାସଂକ୍ରାନ୍ତି ଦିନ । ଅପରାହ୍ନ ହଠାତ୍ କାଳବୈଶାଖି ପ୍ରଭାବରେ ପ୍ରବଳ ଘୂର୍ଣ୍ଣିଝଡ଼ ହେଲା । ଯାହା ପ୍ରଭାବରେ ଅନେକ ଅଂଚଳ ତ କ୍ଷତିଗ୍ରସ୍ତ ହୋଇଥିଲା ବିଶେଷ କ୍ଷତିଗ୍ରସ୍ତ ହୋଇଥିଲା କେଉଁଝର ଜିଲ୍ଲାର ପୁରୁଣା ବାନ୍ଧଗୋଡ଼ା ଅଂଚଳ । ଘୂର୍ଣ୍ଣିଝଡ଼ ଯେ ଏତେ କ୍ଷତି କରିପାରେ ଏତେ ବଡ଼ ଧ୍ୱଂସର ତାଣ୍ଡବ ରଚନା କରିପାରେ ପ୍ରତ୍ୟକ୍ଷ ଭାବରେ ନ ଦେଖିଲେ ବିଶ୍ୱାସ କରି ହେବନି । ନଳାଂଗଠାରୁ ଏହା ବେଶୀ ଦୂର ନୁହେଁ । ତେଣୁ ଆମେ କେତେଜଣ ତାହା ଦେଖିବାକୁ ଗଲୁ । ଦେଖିଲା ପରେ ପ୍ରକୃତିର ପ୍ରଳୟଲୀଳା ପ୍ରତି ଭୟଜାତ ହେଲା । ଏହି ଭୟରୁ ଜନ୍ମ ନେଲା 'ଝଡ଼ ଝଂକାର' ।

ସେମିତି ଭଦ୍ରକରେ ଲେଖିଥିଲି ଆଉ ଏକ ନାଟକ 'ପୂର୍ଣ୍ଣଛେଦ' ସମାଜରେ ଜୀବନରେ ସୃଷ୍ଟିରେ 'ପୂର୍ଣ୍ଣଛେଦ'ର ଏକ ସ୍ୱତନ୍ତ୍ର ଭୂମିକା ରହିଛି । ଆଉ ସମସ୍ତେ ଅଣନିଶ୍ୱାସୀ ହୋଇ ଦୌଡୁଛନ୍ତି ସେହି ପୂର୍ଣ୍ଣଛେଦକୁ ଭେଟିବା ପାଇଁ । ଏମିତି ଏକ ଜୀବନବାଦୀ ନାଟକ ଯଦିଓ ସାରସ୍ୱତ କ୍ଷେତ୍ରରେ ବହୁ ପ୍ରଶଂସିତ ହୋଇଥିଲା ମାତ୍ର ଦର୍ଶକୀୟ ଆଦୃତି ସେତେଟା ସନ୍ତୋଷପ୍ରଦ ନଥିଲା ।

ତତ୍‌ପରେ ଲେଖିଲି 'ଏ ସୃଷ୍ଟି ଏଇଠି ଥାଉ' ଅନ୍ୟ ଏକ ସମସ୍ୟାଧର୍ମୀ ନାଟକ । ଜଣେ ପ୍ରେମିକ ପ୍ରେମିକା କଥା ହେଉ ହେଉ ସାଂପ୍ରତିକ ସାମାଜିକ ବିଶୃଙ୍ଖଳା ପ୍ରତି ଦୃଷ୍ଟିପାତ କରନ୍ତି । ଫ୍ଲାସ୍ ବ୍ୟାକ୍ ଫର୍ମ, ସେମାନେ ଭିବଷ୍ୟତରେ ସାମ୍ନା କରନ୍ତି ସମାଜକୁ । ଶେଷରେ ଦେଖନ୍ତୁ ତାଙ୍କ ଦ୍ୱାରା ସୃଷ୍ଟି ହେବାକୁ ଥିବା ପୁଅ ଝିଅଙ୍କ ଜୀବନ କେତେ ଦୁର୍ବିସହ । ତେଣୁ ବିବାହ କରିବା ପୂର୍ବରୁ ସେମାନେ ପରିବାର କଲ୍ୟାଣ କେନ୍ଦ୍ରକୁ ଯାଆନ୍ତି । ଏ ସୃଷ୍ଟି ପ୍ରତି ବୀତସ୍ପୃହ ଯୁବ ଗୋଷ୍ଠୀ ଦ୍ୱାରା ବେଶ୍ ଆଦୃତ ହୋଇଥିଲା - 'ଏ ସୃଷ୍ଟି ଏଇଠି ଥାଉ' । (କ୍ରମଶଃ)

ଧାରାବାହିକ ଉପନ୍ୟାସ

ଉଚ୍ଛଳ ଉପତ୍ୟକା

ଭାଗ-୧୩

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ସୁକାନ୍ତି ନନ୍ଦ
♥ ଗୁଡ଼ିଆ ସାହି, ପୁରୀ-୭୫୨୦୦୧
ମୋ : ୮୩୩୯୦୦୨୬୫୮

ସତରେ ଗୋଳମାଳିଆ ଲାଗୁଛି...ଏ ସମୟ । ଭାଗ୍ୟ କି ଭଗବାନ... କାହା ଉପରେ ଆସ୍ଥା ରଖିହେଉନି । ଦୁଇଟି ପ୍ରିୟ ମଣିଷଙ୍କ ଛିନ୍‌ଛତ୍ର ପରିସ୍ଥିତିକୁ ଭାବିଲେ ଛିଃ ଲାଗୁଛି ଘର...ସଂସାର, ଭାଗ୍ୟ ଓ ଭବିଷ୍ୟତ । ଆମ୍ ବିଶ୍ୱାସ ତ ଧ୍ୱମେଇ ଗଲାଣି । ଭଗବତ୍ ବିଶ୍ୱାସ ଉପରେ ବି ଆଉ ଆସ୍ଥା ନାହିଁ । ଯାହା ଘଟିବ...ପୂର୍ବ ଭଳି ହିଁ ଘଟିବ । ଲୁହ ଭିଜା ଆଖି ଆଉ କୋହ ଭର୍ତ୍ତି ଛାତିରେ ସବୁ ଅଭାବବୋଧକୁ ଜାକି ନେଇ ଚୁପ୍‌ଚାପ୍ ରହିବାକୁ ପଡ଼ିବ ।

ମା'ଙ୍କ ରାଗ ତମତମ ମୁହଁ ଓ କଡ଼ା କଥାରେ ମୁଁ ଆହୁରି ଡରିଯାଏ । ମନେମନେ ଶପଥକରେ - ନା, ଆସନ୍ତା ପରୀକ୍ଷା ପାଇଁ ମୁଁ ମନ ଲଗେଇ ପଢ଼ାପଢ଼ି କରିବି । ହେଲେ ରଚନା ଖାତା ଯେ, ଏଯାଏଁ ମିଳିଲାନି ? କାନ୍ଦକାନ୍ଦ ହେଇ ଆଣ୍ଠୁରେ ମୁହଁ ଜାକି ବସିପଡ଼ିଲା ବେଳେ କେହିଜଣେ ମତେ କହିବା ଭଳି ଲାଗିଲା ନେ ତୋ ଖାତା । ସବୁବେଳେ ତୁ ଏମିତି ହଜଉଥିବୁ, ଖୋଜିଖୋଜି ମୁଁ ନୟାନ୍ତ ହେଇ ତତେ ଆଣି ଦଉଥିବି ।

ଆଣ୍ଠୁ ଉପରୁ ମୁଣ୍ଡ ଟେକି ଚାହେଁ ମୁଁ - ସାମ୍ନାରେ ଯେ ଲେଖା ! ବ୍ରହ୍ମାଣ୍ଡ ସାରା ଖୋଜିଖୋଜି ମୁଁ ଖାତା ପାଇଲିନି ହେଲେ ଏ କେମିତି ପାଇଗଲା... ? ଦେବୀ ମା' ମତେ ମୋ ଜିନିଷ ନଦେଇ ୟା ହାତରେ କାହିଁକି ପଠେଇଲେ ଯେ । ମୁଁ କ'ଣ ଖରାପ ପିଲା ବୋଲି ସେ ମତେ ସିଧାସିଧା ଦେଇପାରିଲେନି । ଲେଖା ଭଲ ଝିଅ, ଏଣୁ ସେ ତା ହାତରେ ପଠେଇଲେ...ହେଲେ ମୁଁ କାହିଁକି ତାଙ୍କର ପ୍ରିୟ ହେଲିନି ?

ଗାଢ଼ ନିଦ ଭାଙ୍ଗିଗଲା ଭଳି... ମୁଁ କିଛି ସମୟ ଥ' ହେଇ ରହିଗଲି ।

କାହିଁକି ଏତେ ସବୁ ଭାବୁଛି ମୁଁ...ନିଜ ମନକୁ ବାରମ୍ବାର ପଚାରି କୌଣସି ଉତ୍ତର ପାଇଲିନି । ମା' କୁହନ୍ତି ଗଲାକଥାର କିଛି ଦାମ୍ ନଥାଏ । ହେଲେ ଲେଖା ଓ ମତେ ନେଇ ଯେଉଁ ସବୁ ମିଠା, ମଧୁର ସମୟ ତାକୁ କଣ ଭୁଲିହୁଏ ନା ଦୂରେଇଦେଇ ହୁଏ ! କିନ୍ତୁ ଦୁଃଖ ଏତିକି ଯେ, ବିଗତ ଦୁର୍ମୂଲ୍ୟ ସମୟମାନଙ୍କୁ ମୁଁ ମନେପକେଇ ପାରୁଛି ହେଲେ ଲେଖା ନୁହେଁ !

ଦେଖିବି ମୁଁ... କେମିତି ସେ ମନେପକେଇ ପାରିବନି ଆମ ବିଗତ ଅତୀତକୁ !

କେଜାଣି କାହିଁକି, କାଳେସୀ ଲାଗିଲା ଭଳି ମୁଁ ତା ପାଖକୁ ଦୌଡ଼ିଯାଇ...ରାଗି ପାଚି ହଲେଇଦେଲି ତାକୁ । ଗଳାରେ କିଛିଟା ଜୋର୍‌ଦେଇ କହିଲି - ମୁଁ ଦେବୀ ମା'ଙ୍କ ମନ୍ଦିରକୁ ଯାଉଛି । ଯିବୁକି ମୋ ସାଙ୍ଗରେ । ଧୂପ ଦୀପ ଫୁଲହାର ଭୋଗ ନୈବେଦ୍ୟ ସବୁକିଛି ସଜାଡ଼ି ରଖିଛି । କାଳେକାଳେ ତ ଆମେ ଏକାଠି ଯାଇଛେ ନା...ଆଜି ମୁଁ କାହିଁକି ଏକ୍‌ଲା ଯିବି ଯେ ! ତତେ ଆଜି ସାଙ୍ଗରେ ନେଇ ଯିବି ହିଁ ଯିବି ! ଆମେ ପ୍ରାର୍ଥନା କରିବା... ଦେବୀଙ୍କୁ ମାଗିବା ଆଶୀର୍ବାଦ । ତୋର କଣ ମନେ ନାହିଁକି, ସେତେବେଳର କଥା । ସଞ୍ଜୟ ଭାଇ ଆମ ସାଙ୍ଗରେ ଯାଇ ମନ୍ଦିରରେ କେଡ଼େ ସୁନ୍ଦର ଗୀତଗାଏ ! ତା' ମିଠାଳିଆ କଣ୍ଠରୁ ଗୀତ ଶୁଣିବାକୁ ତ ଦେଖଣାହାରୀ ଚାରିପଟରେ ଘେରିଯାନ୍ତି । ତାଳିମାରି ତା' ସହିତ ଗୀତ ଗାଆନ୍ତି ବି । ଜାଣିଛୁ ନା, ପୁରୁଣା ଦିନକୁ ନେଇ ଯେତେ ସବୁ ସୁଖସମୟ ଏବେ ଖୁବ୍ ମନେ ପଡୁଛିରେ । ହେଲେ ସଞ୍ଜୟ ଭାଇ ତ ଆମକୁ ଛାଡ଼ି କୁଆଡ଼େ ଉଭାନ ହେଇଗଲା । ମନେ ପଡ଼ିଲାନି ତାର ଆମ ସହିତ ବିତେଇଥିବା ହସଖୁସୀର ଓଦା ଓଦା ମୁହୂର୍ତ୍ତକୁ !

ଅଖିଲ୍ ଆସି ମୋ ପାଖରେ ଛିଡ଼ା ହେଇଛନ୍ତି ଯେ ! ବାପା କଣ ତାଙ୍କୁ କହିଲେକି...ତମେ ଯାଆନି ପୁଅ, ତମ ବିନା ମୁଁ କିଛି ବି କରିପାରିବିନି । ମୋ ସାହସ ବିଶ୍ୱାସ କମିଯିବ ତମକୁ ନଦେଖିଲେ । ଯଦିଓ ଦେବା କାଲି ଆସି ପହଞ୍ଚିଯିବ...ହେଲେ ତମ ବିନା କିଛି ବି ସମ୍ଭବ ନୁହେଁ... ମୁଁ ଜାଣିସାରିଛି ।

ଏମିତି ତ ଅନେକ ଥର ଅଖିଲ୍ ମୁୟାଇ ଯିବାପାଇଁ ବାହାରିଲେଣି, ହେଲେ ବାପାଙ୍କ ଶୋକାକୁଳ ଅବସ୍ଥା ଦେଖି ହଲିଚଲି ନପାରି ଯୋଉଠି ଅଛନ୍ତି ସେଇଠି ବି ଅଟକି ଯାଉଛନ୍ତି ।

ଆଜି ବି ଠିକ୍ ସେଇ ପରିସ୍ଥିତିରେ କଲ୍‌ବଲ୍ ହେଉଛନ୍ତି ସେ । କାହାକଥା ଭାଙ୍ଗି ନପାରି ଖୋଜୁଛନ୍ତି ମୁକ୍ତିର ବାଟ, ହେଲେ ପାଉନାହାନ୍ତି । ବାପାଙ୍କୁ ଧୈର୍ଯ୍ୟ ସାହସ ଓ ସାନ୍ତ୍ୱନା ଦେବାପାଇଁ ସେ କିଛି ବି କରିପାରିବେ ଏଇ ସଂକଳ୍ପରେ ପାଦ କଢ଼େଇ ପାରୁନାହାନ୍ତି ସେ ।

ମା' ବି ତ' ସବୁ ଦେଖୁଛନ୍ତି, ଶୁଣୁଛନ୍ତି ହେଲେ ପାଟି ଫିଟେଇ କହିପାରୁନାହାନ୍ତି କିଛି । ସେ ତ' ପରିବାରର ଆଖପାଖ ଠିକ୍‌ଠାକ୍ କରିବା ପାଇଁ ଝାଡ଼ି ଚାଲିଛନ୍ତି ପୁଳାପୁଳା ଫିମ୍ପି ଧୂଳି । ଘଷିମାଜି ସଫା ଚକ୍‌ଚକ୍ କରୁଛନ୍ତି ଚଟାଣ, ଅଗଣା । ତଥାପି ତାଙ୍କ ସାମ୍ନାର ଆକାଶ ଯେ... ଧୂଆଁମୟ ତ ଖାଲି ଧୂଆଁମୟ ! ସେ ବହଳ ଧୂଆଁକୁ ଆଡ଼େଇବାର ଶକ୍ତି କଣ ତାଙ୍କର ନାହିଁ ! ଇଚ୍ଛା ବି ନାହିଁ କି ନୂଆ ସକାଳକୁ ଆଲିଙ୍ଗନ କରିବାପାଇଁ ! କେମିତି ସେ ରହିଛନ୍ତି ସେଇ ପୁରୁଣା ଅଳିଆଗଦାକୁ ଉଖାରି ଉଖାରି ।

ମାନସୀ, ଲୁଲା ଓ ଝୁମୁରୀକୁ ନେଇ ଆସିଗଲାକି ?

ବାହାରୁ ତ ଶୁଭୁଛି ପିଲାଦି'ଟାଙ୍କ ମଧୁର କଳରବ । ଓଃ ଆସିଗଲେ ମାନେ ଖୁବ୍ ଭଲ କଲେ । ଏଠି ତ' ଆମେ ସମସ୍ତେ ଅସହାୟ ଥିଲୁ । ଆଲୁଅ ଅନ୍ଧାର ମଧ୍ୟରେ ଫରକ ଦେଖୁନଥିଲୁ । କେବଳ ହତଭାଗ୍ୟକୁ ନେଇ ପ୍ରାର୍ଥନା କରୁଥିଲୁ ଈଶ୍ୱରଙ୍କୁ ।

ସେ ବା କୋଉ କରୁଣାର ବର୍ଷା ଅଜାଡ଼ି ପକେଇଲେ ଯେ ? ଛାଡ଼ୁ ଆମ ମନ୍ଦ ଭାଗ୍ୟ ପାଇଁ ଆମେ ଭୋଗୁଛେ । ଭୋଗୁଥିବା ବି । ତଥାପି ଅଗ୍ରପୂଜ୍ୟ ଭାବେ ଯାହାଙ୍କୁ ମଣିଛେ ତାଙ୍କୁ ହିଁ ନତମସ୍ତକ ହେଇ କାଳକାଳ ପାଇଁ କରୁଥିବା ତ ଜୟ...ଜୟ ।

ପିଲା ଦି'ଟାଙ୍କ ପାଦଶବ୍ଦ ଓ ହୋହଲ୍ଲାରେ ଘରଦ୍ୱାର ଚମ୍‌କି ଗଲା ତ ଆମେମାନେ ବି କିଛିଟା ଶକ୍ତି ଓ ସାହସ ଶୋଷାଡ଼ି ନେଲୁ, ସେମାନଙ୍କ ଅଳି ଅର୍ଦ୍ଧଳି ଓ କଳିତକରାଳରେ ମଜି ମଜି ।

ଯା'ହେଉ ଅନେକ ଦିନପରେ ଛଟ୍‌ପଟ୍ ଏ ଦେହରେ ପ୍ରାଣ ପଶିଗଲା ଭଳି ଅନୁଭବିଲୁ ସମସ୍ତେ । ପୂର୍ବଭଳି ଯିଏ ଯାହା କାମଦାମରେ ମନ ନିବେଶ କଲୁ । ମାନସୀ ରନ୍ଧାବଢ଼ା ଦାୟିତ୍ୱକୁ ମୁଠେଇନେଲା ପରେ ମା' ନିଶ୍ଚିନ୍ତ ହୋଇ ଠାକୁରଘରକୁ ଆବୋରି ନେଲେ ।

ପିଲାଦି'ଟାକୁ ସଫାସୁତୁରା କରି ଭୋଗ ନୈବେଦ୍ୟ ଓ ଫୁଲହାର ଧରି ଦେବୀମା'ଙ୍କ ମନ୍ଦିରକୁ ବାହାରିଲାବେଳେ ମାନସୀ ମତେ ଅଟକେଇ ଅନୁରୋଧ କଲାଭଳି କହିଲା-ନାନୀ ମୁଁ ତମ ସାଙ୍ଗରେ ଗଲେ କିଛି ଅସୁବିଧା ହେବ କି ? ଅଧାଅଧି ରୋଷେଇବାସ ମୁଁ ସାରିଦେଇଛି । ଆମେମାନେ ଫେରିଆସିଲେ ଭଜା ଓ ସାଲାଟ୍ କରି ଖାଇବା ବାଢ଼ିଦେବି । ମୁଁ ଲୁଗାପଟା ବଦଳାଇ ସାଙ୍ଗେ ସାଙ୍ଗେ ଚାଲି ଆସୁଛି । ତମେ ମୋ ପାଇଁ ଅପେକ୍ଷା କରିବଟି ?

: କରିବିନି କାହିଁକି ? ତୁ ମନ୍ଦିର ଯିବୁ, ପୁଣି ମୋ ସାଙ୍ଗରେ, ମତେ ତ ଭାରି ଖୁସୀ ଲାଗୁଛି । ପିଲା ଦି'ଟା ଯେମିତି ନିଜ ନିଜ ଭିତରେ ଆପଣାପଣକୁ ଫେଣ୍ଟାଫେଣ୍ଟି କରି ଯିବା ଆସିବା କରୁଛନ୍ତି ଆମେ ସେଇଭଳି କରିବାନି କାହିଁକି ? ଯା ତୁ ଶୀଘ୍ର ପ୍ରସ୍ତୁତ ହେଇ ଚାଲିଆ । ସତରେ ମ ମତେ ଖୁବ୍ ହାଲ୍‌କା ଲାଗୁଛି ତୁ ମୋ ସାଙ୍ଗରେ ଅଛୁ... ଅନୁଭବ କରି ।

ନାଲିଧଡ଼ିଆ ଧଳାଶାଢ଼ୀ ପିନ୍ଧି...ବଡ଼ ସିନ୍ଦୂର ଟୋପାଟିଏ ମଥାରେ ନାଇ ମାନସୀ...ଆସି କହିଲା...ନାନୀ ଡେରି ହେଇଗଲାକି ? ଠାକୁର ଘରକୁ ଭୋଗଥାଳୀ ନେବାପାଇଁ ମା' ଭୁଲିଯାଇଥିଲେ ତ ସେଇ କାମ ସାରିବାକୁ ଯାଇଥିଲି । ମା' ତ ଏବେ ଅନେକ କଥା ଭୁଲିଯାଉଛନ୍ତି । ତାଙ୍କ ଭୁଲାପଣ ବଢ଼ିବଢ଼ି ଯାଉଛି ସିନା...କମିବାର ଚିହ୍ନବର୍ଣ୍ଣ ଦେଖାଯାଉନି । ଲେଖା ନାନୀଙ୍କ ଅସୁସ୍ଥତା ପାଇଁ ସେ ଖୁବ୍ ଆନମନା ହେଇଯାଉଛନ୍ତି- ପ୍ରାୟ ଘଟଣାକୁ ନେଇ ।

ପିଲାମାନେ ଆଗେଆଗେ ତ ଆମେ ଦୁହେଁ ପଛେପଛେ ଚାଲୁଥିଲୁ । ଭକ୍ତିଭାବରେ ଜଡ଼ିଯାଇଥିଲୁ ଯଦିଓ ଭିତରେଭିତରେ ଆଦିମ ଶୂନ୍ୟତା ଆମକୁ ଖିନ୍‌ଭିନ୍ କରିଦେଉଥିଲା । ମୁଁ ତ ନିଜକୁ ନିଜେ ସହସ୍ର ପ୍ରଶ୍ନ ପଚାରି ପଚାରି ଥକି ପଡୁଥିଲି । ଭାବୁଥିଲି - କ୍ଷରିତ ହେବା ଓ ବୋହିଯିବା ଜୀବନ ଗୋଟେଗୋଟେ ସତ୍ୟ କି ? ବଞ୍ଚିବାଟା ଗୋଟେ କଣ କଳା ?

ନିଶ୍ଚୟ... ଜୀଇଁବା ଯେତେବେଳେ କଷ୍ଟସାଧ ହୋଇଯାଏ, ଉପାୟ ଆକଳନ ଓ ଅବଲମ୍ବନରେ ଥରିଲାପଣ ଦେଖାଦିଏ । ଏଣୁ ମୁକ୍ତିର ମାର୍ଗକୁ ଆବୋରିନିଏ ମଣିଷ । ତେବେ ଆବୋରି ନେଲେ ବି ଏତେ ସହଜରେ ମିଳିଯାଏ କି ଖୋଜୁଥିବା ରାସ୍ତା ? ସେମିତି ହେଲେ ତ ଦୁଃଖ, ଶୋକ, ଲୁହ

ସାମ୍ପ୍ରତିକୀ

ମଧ୍ୟାହ୍ନ ଭୋଜନର ଅସଲ ଚିତ୍ର

ସୁବ୍ରତ ପଟ୍ଟନାୟକ

ସ୍କୁଲ ପିଲାଙ୍କ ଭବିଷ୍ୟତ ଗଢ଼ିବାପାଇଁ ଚାଲିଛି କସରତ୍। ସରକାରୀ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଦିଆଯାଉଛି ଶିକ୍ଷା, ବହିପତ୍ର, ଡ୍ରେସ୍, ଜୋତା, ସାନିଟାରି ନାପକିନ୍, ମଧ୍ୟାହ୍ନଭୋଜନ ଆହୁରି କେତେ କଅଣ। ପିଲାଏ ସ୍କୁଲରେ ପେଟପୁରା ଖାଇବେ ଓ ପାଠ ପଢ଼ିବେ। ସରକାରଙ୍କ ଏହି ଯୋଜନାକୁ ସମସ୍ତେ ପ୍ରଂଶସା କରିବେ, ଏଥିରେ ଦ୍ୱିମତ ହେବାର ନାହିଁ। ସୁଖର କଥା, ପିଲାମାନଙ୍କ ପାଇଁ ଏହି ଖର୍ଚ୍ଚକୁ କେନ୍ଦ୍ର ସରକାର ଷାଠିଏ ଭାଗ ଓ ରାଜ୍ୟ ସରକାର ଚାଳିଶ ଭାଗ ଅର୍ଥ ବହନ କରୁଛନ୍ତି।

ମଧ୍ୟାହ୍ନ ଭୋଜନ ତୁଲାଇବା ଦାୟିତ୍ୱ ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମୁଣ୍ଡରେ ଲଦା ହୋଇଛି। ସେମାନେ ଏହା ସୁଚାରୁରୂପେ ତୁଲାଇବା ପାଇଁ ଆପ୍ରାଣ ଉଦ୍ୟମ କରୁଛନ୍ତି। ଏକଥା ସତ, ମାତ୍ର ବାସ୍ତବ ଚିତ୍ରଟି ଯେ କେତେ କଷ୍ଟଦାୟକ ତାହା ଉପରିସ୍ଥ ହାକିମଙ୍କ ଆଖିକୁ ଆଦୌ ଦିଶୁନାହିଁ। ଏହି ସ୍ତମ୍ଭରେ ଆମେ ମଧ୍ୟାହ୍ନ ଭୋଜନର ସୁବିଧା ଅସୁବିଧା ବାବଦରେ ଅସଲ ଚିତ୍ର ଦେଉଚେ। ସ୍କୁଲରେ ରବିବାର ଛୁଟି ଦିନକୁ ଛାଡ଼ି ବାକି ଛଅ ଦିନ ତିଆରି ହୋଇଛି ଖାଦ୍ୟ ତାଲିକା। ନିୟମ ଅନୁଯାୟୀ ସୋମବାର ଓ ଗୁରୁବାର ଭାତ ଡାଲମା, ମଙ୍ଗଳ ଓ ଶୁକ୍ରବାର ଭାତ ସୋୟାବଡ଼ି ତରକାରୀ, ବୁଧ ଓ ଶନିବାର ଭାତ ଅଣ୍ଡା ତରକାରୀ ଦେବାକୁ ନିର୍ଦ୍ଦେଶ ଅଛି।

୨୦୨୦ ଏପ୍ରିଲ ୨୦ ତାରିଖରୁ ସରକାର ସ୍କୁଲରେ ମଧ୍ୟାହ୍ନଭୋଜନ ଲାଗି ନିର୍ଦ୍ଦିଷ୍ଟ ଦର ଧାର୍ଯ୍ୟ କଲେ। ସରକାର ନିଜ ତରଫରୁ ମାଗଣା ଚାଉଳ ଯୋଗାଇ ଦେଲେ। ତାହା ପ୍ରଧାନ ଶିକ୍ଷକଙ୍କୁ କିଣିବାକୁ ପଡ଼ିଲା ନାହିଁ। ପିଲାଙ୍କ ସଂଖ୍ୟା ଅନୁଯାୟୀ ୫୦ କେଜିଆ ଚାଉଳ ବସ୍ତା ଯୋଗାଇ ଦିଆଗଲା। ମାତ୍ର ଦେଖାଗଲା, ପ୍ରତି ଚାଉଳ ବସ୍ତାରେ ତିନିରୁ ଚାରି କେଜି ଚାଉଳ କମ୍ ରହୁଛି। ଚାଉଳ ଯୋଗାଣକାରୀ ସଂସ୍ଥା ଓ ଚାଉଳ ପରିବହନକାରୀ ସଂସ୍ଥା ସଲାସୁତୁରା କରି ଚାଉଳ ହରିଲୁଟ୍ କରିବାରେ ଲାଗିଛନ୍ତି। ପ୍ରଧାନଶିକ୍ଷକଙ୍କଠାରୁ ଫର୍ମରେ ଦସ୍ତଖତ ନେଇ ନିଜେ '୫୦ କେଜି ଚାଉଳ ପାଇଚୁ' ବୋଲି ଫର୍ମରେ ଲେଖି ଦେଉଛନ୍ତି। ଏହା କେବଳ ଆମ କେନ୍ଦୁଝର ଜିଲ୍ଲାରେ ଘଟୁନାହିଁ, ସାରା ଓଡ଼ିଶାରେ ଏଭଳି ହରିଲୁଟ୍ ଚାଲିଛି। ବିଚରା ପ୍ରଧାନ ଶିକ୍ଷକ କାନମୁଣ୍ଡ ଆଉଁଷି ତାକୁ ଗ୍ରହଣ କରିବାକୁ ବାଧ୍ୟ ହେଉଛନ୍ତି। ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ଓ ସଚିବ ବିଷ୍ଣୁପଦ ସେଠୀ ଅଚାନକକ ଆମ ଅଂଚଳକୁ ପରିଦର୍ଶନରେ ଆସିଲେ ଆମେ ପ୍ରମାଣ ଦେବାକୁ ପ୍ରସ୍ତୁତ ଅଛୁ।

ଯେ ତ ଗଲା ଚାଉଳ କଥା। ଏବେ ଆସିବା ପରିବାପତ୍ର ଓ ତରକାରୀ ଆଲୋଚନାକୁ। ଡାଲେମା ବାବଦକୁ ପ୍ରତି ପ୍ରାଥମିକ ପିଲା ବା ପ୍ରଥମରୁ ପଂଚମ ପିଲାଙ୍କ ପାଇଁ ୪ ଟଙ୍କା ୭୮ ପଇସା ଖର୍ଚ୍ଚ ହେବ। ଉଚ୍ଚ ପ୍ରାଥମିକ ବା ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପ୍ରତି ୭ ଟଙ୍କା ୪୦ ପଇସା ଲାଗୁ ହେବ। ସୋୟାବିନ୍ ତରକାରୀ ପାଇଁ ପ୍ରାଥମିକ ପିଲାଙ୍କ ପ୍ରତି ୩ ଟଙ୍କା ୭୦ ପଇସା ଓ ଉଚ୍ଚ ପ୍ରାଥମିକ ପିଲାଙ୍କ ପ୍ରତି ୬ ଟଙ୍କା ୯୦ ପଇସା, ଅଣ୍ଡା ତରକାରୀ ପାଇଁ ପ୍ରତି ପ୍ରାଥମିକ ପିଲାଙ୍କ ପିଛା ୭ ଟଙ୍କା ୭୮ ପଇସା ଓ ଉଚ୍ଚ ପ୍ରାଥମିକ ପିଲାଙ୍କ ପାଇଁ ୧୦ ଟଙ୍କା ଖର୍ଚ୍ଚ କରାଯିବାକୁ ନିର୍ଦ୍ଦେଶ ଅଛି। ହାରାହାରି ହିସାବ ଅନୁସାରେ ପ୍ରତି ପ୍ରାଥମିକ ପିଲାଙ୍କ ପାଇଁ ଭାତ ତରକାରୀ ବାବଦକୁ ୫ ଟଙ୍କା ୪୨ ପଇସା ଓ ଉଚ୍ଚ ପ୍ରାଥମିକ ପିଲାଙ୍କ ପାଇଁ ୮ ଟଙ୍କା ୧୦ ପଇସା ଖର୍ଚ୍ଚ କରାଯିବାକୁ କୁହାଯାଇଛି। ଇନ୍ଧନ ଗ୍ୟାସ କିମ୍ବା ଜାଳେଣଶ ବାବଦରେ ୫୦ଜଣ ପ୍ରାଥମିକ ଛାତ୍ରଛାତ୍ରୀଙ୍କ ପାଇଁ ଅତି ବେଶୀରେ ୨୫ ଟଙ୍କା ଓ ଉଚ୍ଚ ପ୍ରାଥମିକ ପିଲାଙ୍କ ପାଇଁ ୫୦ ଟଙ୍କା ଖର୍ଚ୍ଚ ହେବ।

ପରିବାପତ୍ର, ତେଲ, ମସଲା ଆଦି ବାବଦରେ ସରକାର ଯେଉଁ ଦର ଦେବାକୁ ଚାହିଁଛନ୍ତି, ସେ ତାଲିକା ଆମେ ଦେଉଚେ। ସରକାର କହିଛନ୍ତି- ହରଡ଼ ଡାଲି କିଲୋପ୍ରତି ୮୦ ଟଙ୍କା, ଖାଇବା ତେଲ ଲିଟର ୧୪୦ ଟଙ୍କା, ସୋୟାବଡ଼ି କିଲୋ ୭୬ ଟଙ୍କା, ଅଣ୍ଡା ଗୋଟାକୁ ୫ ଟଙ୍କା ଦିଆଯିବ। ପରିବା କେଜି ପ୍ରତି ଅତି ବେଶୀରେ ୨୯ ଟଙ୍କା ଦିଆଯିବ। ବର୍ତ୍ତମାନ ବଜାର ଦର ହୁ ହୁ ହୋଇ ବଢ଼ିବାରେ ଲାଗିଛି। ହରଡ଼ଡାଲି କିଲୋ ପ୍ରତି ୧୦୦ ଟଙ୍କା, ସୋରିଷ ତେଲ ଲିଟର ପିଛା ୧୮୦ରୁ ୨୦୦ ଟଙ୍କା, ପ୍ୟାକେଟ ସୋୟାବଡ଼ି କିଲୋ ୧୪୦ ଟଙ୍କା, ଅଣ୍ଡା ଗୋଟାକୁ ୬ ଟଙ୍କା, ରସୁଣ କେଜି ୮୦ ଟଙ୍କା, ପିଆଜ ୩୦ ଟଙ୍କା, ଅଦା ୬୦ ଟଙ୍କା, ଟମାଟୋ ୬୦ ଟଙ୍କା, ଅମୃତ ଭଣ୍ଡା ୩୦ ଟଙ୍କା, ବାଇଗଣ ୫୦ ଟଙ୍କା, ଜହ୍ନି, ପୋଟଳ ୫୦ ଟଙ୍କାରେ ବଜାରରେ ବିକ୍ରି ହେଉଛି। ସରକାରଙ୍କ ଦରଠାରୁ ଦେଢ଼ଗୁଣ ଅଧିକ ବଜାର ଦର ରହୁଛି। ଏହି ସମସ୍ୟ ସୁଧାରିବା ପାଇଁ ସରକାରଙ୍କ ମୁଣ୍ଡରେ 'କିଚେନ୍ ଗାର୍ଡ଼ନ' ବା ପରିବା ଚାଷ ଉପାୟ ପଶିଲା। ସେଥିପାଇଁ ଯେତିକି ଅର୍ଥ ଦିଆଗଲା, ତାହା ସମୁଦ୍ରକୁ ଶଙ୍ଖେ। ସ୍କୁଲରେ ତାରବାଡ଼ ତିଆରି, ମଟର ପମ୍ପ, ହଳ ଓ ଚାରା ଆଦି କିଣାକିଣିରେ କେତେ ଖର୍ଚ୍ଚ ହେବ, ତାର ସଠିକ ଆକଳନ ହେଲାନାହିଁ। ଓଡ଼ିଶାର ୯୫ ପ୍ରତିଶତ ସ୍କୁଲରେ 'କିଚେନ୍ ଗାର୍ଡନ' ଯୋଜନା ପୁରା ଫେଲ ମାରିଲା। ଆମେ ଏକ ସାଧାରଣ ହିସାବରୁ ଜାଣିଲୁ ଯେ ଅଧିକାଂଶ ପ୍ରଧାନ ଶିକ୍ଷକ ପ୍ରତି ପ୍ରାଥମିକ ପିଲାଙ୍କ ପାଇଁ ଦୈନିକ ୮୦ ପଇସା ଓ ଉଚ୍ଚ ପ୍ରାଥମିକ ପିଲାଙ୍କ ପାଇଁ ୧ ଟଙ୍କା ୧୦ ପଇସା ଅଧିକ ଖର୍ଚ୍ଚ କରୁଛନ୍ତି। ଗୋଟିଏ ସ୍କୁଲରେ ୫୦ଜଣ ପ୍ରାଥମିକ ଛାତ୍ରଛାତ୍ରୀ ଥିଲେ ଦୈନିକ ୪୦ ଟଙ୍କା ଅଧିକ ଖର୍ଚ୍ଚ ହେଉଛି। ରବିବାର ଛୁଟିଦିନକୁ ବାଦ୍ ଦେଲେ ଜଣେ ପ୍ରଧାନଶିକ୍ଷକ ନିଜ ପକେଟରୁ ମାସକୁ ୧ ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି। ତାକୁ ଭରଣା କରିବାକୁ ହେଲେ କିଛି ଫନ୍ଦି ଫିକର କରିବାକୁ ସେ ବାଧ୍ୟ ହେବେ। ଏହା ଧ୍ରୁବ ସତ୍ୟ।

ପୂର୍ବରୁ ସ୍କୁଲ କିମ୍ବା ବ୍ଲକ ଇଲାକାରେ ଥିବା ବ୍ୟାଙ୍କରେ ସ୍କୁଲର ପାସବୁକ୍ ଥିଲା। ସହଜରେ ପ୍ରଧାନ ଶିକ୍ଷକ ଓ ସ୍କୁଲ ପରିଚାଳନା କମିଟି ଚେୟାରମ୍ୟାନ୍ ନିକଟସ୍ଥ ବ୍ୟାଙ୍କରୁ ମଧ୍ୟାହ୍ନ ଭୋଜନ ଅର୍ଥ ଉଠାଇ ପାରୁଥିଲେ। ଏବେ କୋଡ଼ିଏ ତିରିଶ କିଲୋମିଟର ଦୂର ବ୍ୟାଙ୍କରେ ସ୍କୁଲ ପାସବୁକ୍ ଖୋଲାଯିବାକୁ ତାଗିଦ୍ କରାଗଲାଣି। ଖରା ବର୍ଷାରେ ଜଣେ ପ୍ରଧାନ ଶିକ୍ଷୟିତ୍ରୀ ଦୂର ସ୍ଥାନରେ ଥିବା ବ୍ୟାଙ୍କରୁ ପଇସା ଆଣିବା କେତେ କଷ୍ଟକର, ତାହା ହାକିମଗଣ ବୁଝୁନାହାଁନ୍ତି। ଦୂର ସ୍ଥାନରୁ ମୋଟା ଅଙ୍କର ଟଙ୍କା ଆଣିବାବେଳେ ବାଟରେ ଲୁଟ୍‌ପାଟ୍ ହେବାର ସମ୍ଭାବନା ବି ରହିଛି।

ସରକାର ଯଦି ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ କରିବାକୁ ଆନ୍ତରିକତାର ସହିତ ଚାହୁଁଥାନ୍ତି, ତେବେ ସେଥିପାଇଁ ସ୍ୱତନ୍ତ୍ର ଶିକ୍ଷକ ବା ପାରା-ଶିକ୍ଷକ ନିଯୁକ୍ତ କରାନ୍ତୁ। ମଧ୍ୟାହ୍ନଭୋଜନର ହିସାବପତ୍ର, ରାନ୍ଧିବା ଓ ଅନ୍ୟାନ୍ୟ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ରହୁ। ସ୍କୁଲରେ ଶିକ୍ଷକ ମରୁଡ଼ି ଥିବାବେଳେ ମଧ୍ୟାହ୍ନଭୋଜନ ପାଇଁ ପ୍ରଧାନଶିକ୍ଷକଙ୍କ ବେକରେ ଜୁଆଳି ବାନ୍ଧିବା ଆଦୌ ଉଚିତ୍ ନୁହେଁ। କେବଳ ସେହି କାରଣରୁ ସରକାରୀ ସ୍କୁଲରେ ପାଠପଢ଼ା ରସାତଳକୁ ଗଲାଣି। ରନ୍ଧନ ଗ୍ୟାସ ବାବଦକୁ ପ୍ରତି ୫୦ ପିଲା ଥିବା ସ୍କୁଲକୁ ଗୋଟିଏ ଓ ୯୦ ପିଲାଥିବା ସ୍କୁଲକୁ ଦୁଇଟି ଗ୍ୟାସ ସିଲିଣ୍ଡର ସମ୍ପୂର୍ଣ୍ଣ ମାଗଣାରେ ଦିଆଯାଉ। ସ୍କୁଲଗୁଡ଼ିକୁ କେବଳ ରଙ୍ଗବୋଳି ଚକାଚକ କରିଦେଲେ ଚଳିବ ନାହିଁ, ପିଲାଏ ଠିକ୍ ଭାବେ ପଢିକିଆ, ଗଣିତ ପାଠ କରି ପାରୁଛନ୍ତି କି ନାହିଁ, ତାକୁ ନଜର ଦେବାକୁ ହେବ। ବ୍ୟାଚେଲର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍କୁଲ ପିଲାଙ୍କୁ ଖୁବ୍ ଭଲ ପାଆନ୍ତି ବୋଲି ଆମେ ଜାଣୁ। ମାତ୍ର ସେମାନେ ପାଠ ପଢ଼ାରେ ସବଳ କି ଦୁର୍ବଳ, ତାହା ସେ ପଚାରି ବୁଝିଛନ୍ତି କି? ଆପଣମାନେ ଖୁସି ତ, ବୋଲି ପଚାରିଦେଲେ କଣ ଚଳିବ?

ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪

ମାଟି ଗୀତ

(ମାଟି ଅଗଣାର ବିରହ ବିଧୁର ଗାଥା... ମୋ' ଗାଁର କଥା)

ଭାଗ-୧୬

ପ୍ରାୟ ପ୍ରତ୍ୟେକ ସୃଜନଶୀଳ ମଣିଷ ଭିତରେ ଗାଁ ଟିଏ ଥାଏ । ରାଜଦୁଲାଳୀ ପଣତ ଅତର ମହକ ପରି ସେଇ ଗାଁର ବାସ୍ନା । ତାକୁ ଏମିତି ଅଥୟ କରେ ଯେ ଛାଡ଼ି ଆସିଥିବା ପିଛିଲା ଦିନର ପାଦଚିହ୍ନ ତା' ଭିତରେ ଥିବା କବିକୁ ଉସୁକାଏ- ଲେଖ୍...ଲେଖ୍...ଲେଖିରେ ମୋ କଥା । ସେଇ ଉହୁଁକାପଣର ଦାୟରେ ଏଇଠି ମାଟି ଅଗଣାର ବିରହ ବିଧୁର ଗାଥା... ମୋ ଗାଁର କଥା... ।

ଉମାକାନ୍ତ ରାଉତ(ଅରୂପ)
❤ ପ୍ଲଟ ନମ୍ବର-୭୬୨, ପ୍ରଥମ ମହଲା, ନିଳାଦ୍ରି ବିହାର, ସେକ୍ଟର-୩, ଭୁବନେଶ୍ୱର-୨୧
ମୋ: ୯୪୩୭୨୬୭୧୨୫

ଚନ୍ଦନ ଚନ୍ଦନ ତା'ର ପାଦଚିହ୍ନ
ସ୍ମିତପ୍ରଜ୍ଞ ତା'ର ଚାଲି
ନିର୍ଭର ଯୋଗ୍ୟ ପ୍ରତିଶ୍ରୁତିଟିଏ
ତା' ଦାଣ୍ଡ ଶରଧା ବାଲି । ୧୬୧ ।

ନୁହେଁ ମରୁଭୂମି କ୍ଲାନ୍ତ ପଥିକ
ବାସ୍ନାୟିତ ଥୋପା ଫୁଲ
ନୁହେଁ ସୁଲୁସୁଲି ଡେଙ୍ଗାଛିଣ୍ଡା ପତ୍ର
ମର୍ମର କୋଳାହଳ । ୧୬୨ ।

ସରୁ ଦୂବପତ୍ର କାକର ଟୋପାଟେ
ଶ୍ୟାମଳିମା ଯା'ର ନାଆଁ
ସପ୍ତପର୍ଣ୍ଣିର ସେ ସବୁଜ ଫସଲ
ଚିର ଯଉବନା ମାଆ । ୧୬୩ ।

ଚିର ରଜସ୍ୱଳା ଅକ୍ଷୟ ଜରାୟୁ
ଅମୃତ ଉତ୍ସର ଧାର
ଜୀବନ୍ୟାସ ହେଲେ ତା' ଅମୃତ ଚକ୍ଷୁ
ଖୋଲିଯାଏ ସବୁ ଦ୍ୱାର । ୧୬୪ ।

ତା' ସବୁଜ ତୃଣ ଅଙ୍କୁରିତ ଜିଦ୍
ବତାଏ ବଂଚିବା ମନ୍ତ୍ର
ଚିପୁଡ଼ା ଲୁହରେ ଜୀବନର ସୂତ୍ର
ସବୁଜ ସଂଚାର ପଥ । ୧୬୫ ।

ନଇଁପଡ଼େ ଯେବେ ପୋଖରୀ ହୁଡ଼ାରେ
ଗାଆଁର ତତଲା ଦିନ
ଆଡ଼ିରୁ ଡିଆଁନ୍ତି ଲଙ୍ଗଳା ପିଲାଏ
ଗାଆଁ ସାଜେ ପିଲାମନ । ୧୬୬ ।

ଫେରାର ପବନ ଠିକଣା ମିଳେନା
ରାସ୍ତାରେ ଶୁଏ ଖରା
ଶୁଷ୍କ ନଈପରି ଗାଁ' ବାଟ ଦିଶେ
ଗାଆଁଟା ଲାଗେ ସାହାରା । ୧୬୭ ।

ନିଦାଘ ଉତ୍ସବ ମନାଏ ପଳାଶ
ସଙ୍ଗଦିଏ କୃଷ୍ଣଚୂଡ଼ା
ଉତ୍ସବ ଉଃଶ୍ୱାସ ଭରେ ଆଖୁରସ
ଭୋଗ ସାଜେ ଦହିଚୂଡ଼ା । ୧୬୮ ।

ଜଳଛତ୍ର ତା'ର ଅମୃତ ପସରା
ପ୍ରାଣ ନାଲି ତରଭୂଜ
ଖରା ଚାଲିଯାଏ ଆପଣା ରାସ୍ତାରେ
ଗାଆଁ ହୁଏ ସଜବାଜ । ୧୬୯ ।

ବାଉଁଶ ପତ୍ରର ଧାର ଦେହେ ଯେବେ
ଆଞ୍ଚୁଡ଼ି ଯାଏ ମୋ' ହାତ
ଖାତିର୍ ନ କରି ଖୋଜୁଥାଏ ମୁହିଁ
ମାଟି ଗଧିଆଙ୍କ ଗାତ । ୧୭୦ । (କ୍ରମଶଃ)

କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'

ବମ୍ ଫୁଲ୍ ବୁଖାରା

ଦୀପକ ରଂଜନ ମିଶ୍ର

୩୦

॥ ଶଚୀନ୍ଦ୍ରନାଥ ସାନ୍ୟାଲ ॥



ମହାନ କ୍ରାନ୍ତିକାରୀ ରାସବିହାରୀ ବୋଷଙ୍କ ପ୍ରମୁଖ ସହଯୋଗୀ ଥିଲେ ଶଚୀନ୍ଦ୍ରନାଥ ସାନ୍ୟାଲ । ଦିଲ୍ଲୀରେ ଭାଇସରାୟଙ୍କ ଶୋଭାଯାତ୍ରା ଉପରେ ବୋମା ଫିଙ୍ଗିବାର ଆୟୋଜନ ଠୁଁ ଗଦର କ୍ରାନ୍ତି ପାଇଁ ପଞ୍ଜାବରେ କ୍ରାନ୍ତିକାରୀଙ୍କୁ ସଂଗଠିତ କରିବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟରେ ରାସବିହାରୀଙ୍କୁ ସହଯୋଗ କରିବାରେ ତାଙ୍କର ଥିଲା ମୁଖ୍ୟ ଭୂମିକା। ଗଦର କ୍ରାନ୍ତି ବିଫଳ ହେବାପରେ କିଛିଦିନ ବନାରସରେ ତଥା ଚନ୍ଦନନଗରରେ ଦୁହେଁ ଆତ୍ମଗୋପନ କରି ରହିବା ପରେ ରାସବିହାରୀ ବୋଷ ଛଦ୍ମବେଶରେ ଚାଲିଯାଆନ୍ତି ଜାପାନ । କିଛିଦିନ ଦେଶରେ ରହି କ୍ରାନ୍ତିକାରୀଙ୍କୁ ସଙ୍ଗଠିତ କରିବାର ପ୍ରୟାସ କରି ସଫଳ ନହେଲେ ସେ ମଧ୍ୟ ଦେଶ ଛାଡ଼ି ଜାପାନ ଚାଲିଯିବେ ବୋଲି ଭାବୁଥାନ୍ତି । ହେଲେ ଜଣେ ଖୁବ୍ ବିଶ୍ୱସ୍ତ ସହଯୋଗୀଙ୍କ ବିଶ୍ୱାସଘାତକତା ଯୋଗୁଁ କଲିକତା ଠାରେ ପୋଲିସ୍ ଦ୍ୱାରା ଗିରଫ୍ ହୋଇଯାଆନ୍ତି ଶଚୀନ୍ଦ୍ରନାଥ । ୧୯୧୬ ମସିହାରେ ତାଙ୍କୁ ଆଜୀବନ କାରାବାସ ଦଣ୍ଡରେ ଦଣ୍ଡିତ କରି ପଠାଇ ଦିଆହୁଏ କଳାପାଣି ।

୧୯୨୦ ମସିହା ଫେବୃଆରୀ ମାସର କଥା । ଅସୁସ୍ଥତା ଯୋଗୁଁ ସେଲ୍ୟୁଲାର ଜେଲ୍ ଭିତରେ ଥିବା ରୁଗ୍‌ଣାଳୟରେ ଚିକିତ୍ସିତ ହେଉଥାନ୍ତି ଶଚୀନଦା' । ଜଣେ ୱାର୍ଡ଼ର ଆସି କହେ ତାଙ୍କୁ ଜେଲର ସାହେବ୍ ଡାକୁଛନ୍ତି ବୋଲି । ଅଧିକାରୀଗଣ ରାଜବନ୍ଦୀ ମାନଙ୍କୁ ବେଳ ଅବେଳରେ ଡାକି ଗାଳିଗୁଲଜ୍ କରିବା ସହ ଖୁବ୍ ହଇରାଣ କରୁଥିବାରୁ ଏଇ ଅସୁସ୍ଥାବସ୍ଥାରେ ବି ତାଙ୍କ ସହ ସେମିତି କିଛି ହେବାକୁ ଯାଉଛି କି ଭାବି ତାଙ୍କ ତାଳୁରୁ ତଳିପା ପର୍ଯ୍ୟନ୍ତ ନିଆଁ ଲାଗିଯାଏ । ଡାକିବାକୁ ଆସିଥିବା ୱାର୍ଡ଼ରକୁ ସେ ଅସୁସ୍ଥ ଥିବାରୁ ଯାଇପାରିବେନି ବୋଲି ସିଧାସଳଖ ମନା କରିଦିଅନ୍ତି । କିଛି ସମୟ ପରେ ସେଇ ୱାର୍ଡ଼ର କିନ୍ତୁ ପୁଣି ଫେରିଆସି ଖୁବ୍ ଜରୁରୀ କାମ ଥିବାରୁ ସାହେବ୍ ଡାକୁଥିବାର କଥା କହେ । ସେଦିନ ଦେହରେ ଉତ୍ତାପ ନଥିବାରୁ ତଥା ସେତେଟା ଦୁର୍ବଳ ଲାଗୁ ନଥିବାରୁ ସେ ବାଧ ହୋଇ ଚାଲି ଚାଲି ଜେଲର୍‌ଙ୍କ କାର୍ଯ୍ୟାଳୟକୁ ଯାଆନ୍ତି । ମନେ ମନେ ଭାବିଥାନ୍ତି ଯେ ଯାହା ବି ପରିସ୍ଥିତି ହେଉନା ନାହିଁକି ସେ ଆଦୌ ଝଗଡ଼ା କରିବେ ନାହିଁ ।

ଜେଲର୍ କିନ୍ତୁ ତାଙ୍କୁ ଖୁବ୍ ବନ୍ଧୁତାପୂର୍ଣ୍ଣ ଭଙ୍ଗୀରେ ସ୍ୱାଗତ କରିବା ସହ ଆପଣା ଚେୟାର ପାଖରେ ପଡ଼ିଥିବା ଏକ ବେଞ୍ଚରେ ବସିବାକୁ କହନ୍ତି । କୌଣସି ଝଡ଼ର ଆଶଂକା କରୁଥିବା ଶଚୀନ୍ଦା' ଜେଲର୍‌ଙ୍କ ଏଭଳି ବ୍ୟବହାର ଦେଖି ଆଶ୍ଚର୍ଯ୍ୟ । ଜେଲର୍ ହସି ହସି କହୁଥାନ୍ତି, "ମନମାରି ଉଦାସ କାହିଁକି ରହିଛ ଯୁବକ ! ଖୁସିର ଉତ୍ସବ ମନାଅ । ଆମ ଦୟାଳୁ ସରକାର ତୁମକୁ ମୁକ୍ତି ପ୍ରଦାନ କରିବାର ନିଷ୍ପତ୍ତି ନେଇଛନ୍ତି ।" ଏଇ ସମୟରେ ମୁକ୍ତିର ଖବର ଶୁଣିବାର ଆଶା ଆଦୌ ନଥିଲେ ବି ତାଙ୍କର ଦୃଢ଼ ବିଶ୍ୱାସ ଥାଏ ସେ ଖୁବ୍ ଶୀଘ୍ର କଳାପାଣିରୁ ମୁକ୍ତି ପାଇଯିବେ ବୋଲି । ମୁକ୍ତି ପାଇବାର ଖୁସି ତଥା ସାଥୀ ରାଜବନ୍ଦୀମାନଙ୍କ ଠାରୁ ବିଚ୍ଛେଦର ଦୁଃଖରେ ଆଉଟୁ ପାଉଟୁ ସେ ରୁଗ୍‌ଣାଳୟକୁ ଫେରିଆସନ୍ତି । ଇଏ ରହୁଥିବା କୋଠରୀର ସାମ୍ନାରେ ଥାଏ ଏକ ନମ୍ବର ବ୍ୟାରେକ୍‌ର ଅଗଣା । ସେଇଠି ବାରୀନ୍ଦ୍ର, ଉପେନ୍ଦ୍ର, ହେମଚନ୍ଦ୍ର ଇତ୍ୟାଦି କିଛି ପୁରୁଣା କ୍ରାନ୍ତିକାରୀ ମିଶି ଏକାଠି ରୋଷେଇ କରି ଖାଉଥାନ୍ତି । ଭାରତବର୍ଷର ସର୍ବପ୍ରଥମ କ୍ରାନ୍ତିକାରୀ ଷଡ଼ଯନ୍ତ୍ର 'ମାନିକ୍‌ତଲ୍ଲା ବମ୍ କେଶ୍'ରେ ଅଭିଯୁକ୍ତ ଏମାନେ ବାରବର୍ଷ ହେଲା ଆଣ୍ଡାମାନ୍‌ରେ ଆଜୀବନ ସଜା କାଟୁଥାନ୍ତି । କିଛିମାସର ଉତ୍ପୀଡ଼ନ ପରେ ସେମାନେ ଦୁର୍ବଳଚିତ୍ତ ହୋଇ ଯାଇଥିଲେ । ୧୯୧୬ ମସିହାରେ ଶଚୀନଦା' ଆସିବା ଠୁଁ ରାଜବନ୍ଦୀ ତଥା ଅଧିକାରୀଙ୍କ ମଧ୍ୟରେ ଯେତିକି ସଂଘର୍ଷ, କାର୍ଯ୍ୟବନ୍ଦ ତଥା ହରତାଳ ହୋଇଛି କୌଣସି ଥିରେ ସେମାନେ ଭାଗ ନେଇଥିବା କଥା ତାଙ୍କ ନଜରକୁ ଆସିନାହିଁ । ବରଂ ସେମାନେ ଜେଲ୍ ଅଧିକାରୀମାନଙ୍କ ବିଶ୍ୱାସପାତ୍ର ବନିଯାଇଥାଆନ୍ତି । କୌଣସି ଝଗଡ଼ା ନକରି ଅଧିକାରୀଙ୍କ ପକ୍ଷରେ ରହିଲେ ଖୁବ୍ ଶୀଘ୍ର ମୁକ୍ତି ମିଳିଯିବ ବୋଲି ସେମାନେ ଭାବୁଥାନ୍ତି । ସେଥିପାଇଁ ରାଜବନ୍ଦୀମାନେ ଏମାନଙ୍କୁ ଆଦୌ ପସନ୍ଦ କରୁ ନଥିଲେ । ଶଚୀନ୍ଦା' କିନ୍ତୁ ଥିଲେ ଭିନ୍ନ ପଦାର୍ଥରେ ଗଢ଼ା ମଣିଷ । ଆଣ୍ଡାମାନ ଆସିବା ଦିନଠାରୁ ସେ ସବୁବେଳେ ରାଜବନ୍ଦୀମାନଙ୍କ ପକ୍ଷନେଉଥିଲେ । ତେଣୁ ମୁକ୍ତିର ଖବର ଶୁଣିବା ମାତ୍ରେ ତାଙ୍କ ମନରେ ଭାବନାଟିଏ ଉଙ୍କିମାରେ ଯେ ଏଇ ଖବର ପ୍ରଥମେ ବାରୀନ୍ ଗୋଷ୍ଠୀଙ୍କୁ ଶୁଣାଇ ଏହା ପ୍ରମାଣିତ କରିଦେବେ ଯେ ଦୂରଦର୍ଶୀତା ସବୁବେଳେ ସୁଫଳ ପ୍ରାପ୍ତିରେ ସହାୟକ ହୁଏନାହିଁ । ତେଣୁ ସେ ପ୍ରଥମେ ଉପେନ୍ଦ୍ରଙ୍କୁ ଡାକି ତାଙ୍କ ମୁକ୍ତିର ଖବର କହନ୍ତି । ଉପେନ୍ଦ୍ର ତାଙ୍କୁ ଶୁଭେଚ

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୩ ଜୁଲାଇ, ୨୦୨୨

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

ଆଲୋଚନା

ସାହିତ୍ୟ ଓ ଗଣମାଧ୍ୟମ

ପ୍ରଫେସର. ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ଓ ଗଣମାଧ୍ୟମର ସମ୍ପର୍କ ଅତି ପୁରାତନ । ସମ୍ବାଦପତ୍ର ପ୍ରକାଶନ ମାଧ୍ୟମରେ ସାହିତ୍ୟର ଯେପରି ସମ୍ପ୍ରସାରଣ ଘଟିଛି, ତାହାକୁ କେହି ହେଲେ ଅସ୍ୱୀକାର କରିପାରିବେ ନାହିଁ । ଯଦିଓ ଏ ଉଭୟର ସଂପର୍କ ପୁରାତନ ବୋଲି ଉଲ୍ଲେଖ କରାଯାଇଛି, ଏହିଠାରୁ ହିଁ ନୂତନତାର ଯୁଗ ଉଦ୍‌ଘାଟିତ ହୋଇଛି ପୃଥିବୀର ଆମ ଦେଶ ଓ ପ୍ରଦେଶର ବିଭିନ୍ନ ସ୍ତରରେ । ମୁଦ୍ରାଯନ୍ତ୍ରର ଯଦି ପ୍ରତିଷ୍ଠା ହୋଇପାରିନଥାନ୍ତା ଓ ଖବରକାଗଜ ମାଧ୍ୟମରେ ଗଳ୍ପ, କବିତା ପ୍ରବନ୍ଧ ଆଦି ଅସଂଖ୍ୟ ପାଠକଙ୍କ ନିକଟରେ ନ ପହଞ୍ଚିଥା'ନ୍ତା, ତା'ହେଲେ ସାହିତ୍ୟର ଲୋକପ୍ରିୟତା ଯେତିକି ପରିବର୍ଦ୍ଧିତ ହୋଇଛି, ତାହା ସମ୍ଭବ ହୋଇନଥାନ୍ତା । ସେହିପରି ସମ୍ବାଦପତ୍ରର ସଂପାଦକମାନେ ଜଣେ ଜଣେ ପ୍ରତିଷ୍ଠିତ ଲେଖକ ହୋଇଥିବାରୁ ସମ୍ବାଦପତ୍ର ସାହିତ୍ୟିକ-ଅଭିରୁଚି ସମ୍ପନ୍ନ ହୋଇପାରିଛି । ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିଷ୍ଠିତ 'ସମାଜ', ଗୌରୀଶଙ୍କର ରାୟଙ୍କ 'ଉତ୍କଳ ଦୀପିକା', ପ୍ୟାରୀମୋହନ ଆଚାର୍ଯ୍ୟଙ୍କ 'ଉତ୍କଳପୁତ୍ର', ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ଦ୍ୱାରା ସମ୍ପାଦିତ 'ସମ୍ବଲପୁର ହିତୈଷିଣୀ' ଆଦି ଯେତେ ସମ୍ବାଦପତ୍ର ଉପରେ ପାଠକର ଆଖି ବୁଲି ଆସେ ସେମାନେ ସେତିକି ଉଚ୍ଚସ୍ତରୀୟ ସାହିତ୍ୟିକଙ୍କ ଓ ସମ୍ପାଦକଙ୍କ ନିବିଡ଼ ସାନ୍ନିଧ୍ୟ ଅନୁଭବ କରିଥାନ୍ତି । ଏ ବିଷୟରେ ଗବେଷଣା ଆଶାନୁରୂପ ଭାବରେ ହୋଇପାରିଲେ ଏହି ସଂପାଦନା ଓ ସାହିତ୍ୟ ସର୍ଜନା ମଧ୍ୟରେ ନିହିତ ସମ୍ବନ୍ଧ କେତେ ନିଗୂଢ଼ ସ୍ତରର ଏକ ଅନ୍ତର୍ସତ୍ୟ, ତାହା ଯଥାର୍ଥ ରୂପେ ପ୍ରମାଣିତ ହୋଇଯିବ, ହୋଇପାରିଛି ମଧ୍ୟ ।

ଯେଉଁ ଭାଷାର ସାହିତ୍ୟ ଯେତିକି ଉଚ୍ଚସ୍ତରାଶ୍ରିତ, ସେହି ଭାଷାର ସମ୍ବାଦପତ୍ର ମଧ୍ୟ ସାହିତ୍ୟ ସୌନ୍ଦର୍ଯ୍ୟ ଧାରଣରେ ସେତିକି ସକ୍ଷମ । ସଂପ୍ରତି ଗଣମାଧ୍ୟମ କେବଳ ସମ୍ବାଦପତ୍ର ମଧ୍ୟରେ ଆବଦ୍ଧ ନୁହେଁ । ଦୂରଦର୍ଶନ, ବିଭିନ୍ନ ପ୍ରକାରର ନୂତନ ନୂତନ ଟିଭି ଚ୍ୟାନେଲ ଆଦି ଇଲେକ୍ଟ୍ରୋନିକ୍ସ ମାଧ୍ୟମ ସାହିତ୍ୟ ଲୋକପ୍ରିୟତା ସୃଷ୍ଟି ଦିଗରେ ଯେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଛି, ଏହା ଅନସ୍ୱୀକାର୍ଯ୍ୟ । ତେବେ ଏଗୁଡ଼ିକରେ ପ୍ରସାରିତ ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକ ସାହିତ୍ୟ ସଂପ୍ରୀତି ପ୍ରତି ବୀତସ୍ପୃହ ରହିବାର ଦୃଷ୍ଟାନ୍ତ ନୈରାଶ୍ୟଜନକ । ଯେଉଁମାନେ ଏହି କାର୍ଯ୍ୟକ୍ରମର ନିଷ୍ଣାତ ବା ସଂଯୋଜକ, ତାଙ୍କର ଲେଖାରେ ବା ଉପସ୍ଥାପନ ଶୈଳୀରେ ଅତି ଆଧୁନିକତା ନାମରେ ଯେଉଁ ଶବ୍ଦ ଓ ଠାଣିର ପ୍ରଦର୍ଶନ କରିଯାଏ, ତାହା ସାହିତ୍ୟିକ ଭାବାନୁକୂଳ ହୋଇପାରୁନାହିଁ । ଏ ଦିଗରେ ଉକ୍ତ ସଂସ୍ଥାମାନଙ୍କ ସୁପରିଚାଳକମାନେ ସମାଜ ପ୍ରତି ଏକ ନିରୁତା ଅଙ୍ଗୀକାରବଦ୍ଧତା ପ୍ରଦର୍ଶିତ କରିପାରି ନାହାନ୍ତି । ଏହା ସତ୍ତ୍ୱେ ସବୁ ଟିଭି ଓ ପ୍ରାଇଭେଟ ଚ୍ୟାନେଲ ଯଦି ଲୋକଙ୍କ ମଧ୍ୟରେ ଉନ୍ନତମାନର ଚିନ୍ତାଧାରାକୁ ଜାଗ୍ରତ କରିଦେଇପାରନ୍ତେ, ତା'ହେଲେ ଅନ୍ତତଃ ଆମ ପ୍ରଦେଶରେ ସାହିତ୍ୟ ଯେତିକି ଅବହେଳିତ ଅବସ୍ଥାରେ ଉପନୀତ ହୋଇଛି, ତାହା ସମ୍ଭବ, ହୋଇନଥାନ୍ତା । ସମ୍ବାଦପତ୍ର, ଟିଭି ଆଦି ଚ୍ୟାନେଲକୁ ଛାଡ଼ିଦେଲେ ଆକାଶବାଣୀର ସାହିତ୍ୟ ପ୍ରତି ଅବଦାନ ଦେଖି ଅଭିଭୂତ ହେବାକୁ ପଡ଼ିଥାଏ । ସହରାଞ୍ଚଳର ବା ଗ୍ରାମାଞ୍ଚଳର ଯେତିକି ଶିକ୍ଷିତ ବା ଅଶିକ୍ଷିତ ବ୍ୟକ୍ତି ରେଡିଓ ଶୁଣନ୍ତି ଆଉ ତାହା ଦ୍ୱାରା ଗଭୀର ଭାବେ ଅନୁପ୍ରାଣିତ ଅନୁଭବ କରନ୍ତି, ତାହା ଅତୁଳନୀୟ ।

ମୋବାଇଲ ଫୋନ୍ ନିର୍ମିତ ହେବା ପରେ ଫେସବୁକ୍, ହ୍ୱାଟସଆପ୍, ଇନ୍‌ଷ୍ଟାଗ୍ରାମ ପ୍ରଭୃତି ବିଭାଗଗୁଡ଼ିକ ବିଶେଷତଃ ଯୁବ ସଂପ୍ରଦାୟକୁ କବଳିତ କରି ରଖିଛନ୍ତି । ସେଥିରେ ଉଭୟ ସକାରାତ୍ମକ ଓ ନକାରାତ୍ମକ ଦିଗ ସଂପର୍କରେ ଯେଭଳି ସଚେତନତା ପ୍ରକାଶ ପାଇଥାନ୍ତି, ତାହା ସୃଜନଶୀଳ ଆତ୍ମାକୁ ତୀବ୍ର ଭାବରେ ଆଲୋଡ଼ିତ କରିଦେଉଥାଏ । ଏହା ଭାବ ବିନିମୟର ଏକ ଏକ ମାଧ୍ୟମ ଓ ଏହି ଭାବ ବିନିମୟର ମାଧ୍ୟମ ଭାବରେ ସର୍ବବ୍ୟାପ୍ତ । ତାରୁଣ୍ୟର ତେଜ ଅସତ୍ ଉଦ୍ଦେଶ୍ୟରେ ବିନିଯୁକ୍ତ ହେଲେ ସମାଜରେ ଏକ ବିଧ୍ୱଂସକାରୀ ଅପଶକ୍ତି ଭାବେ ଆବିର୍ଭୂତ ହୋଇଛି ବୋଲି ଆତଙ୍କ ସୃଷ୍ଟି ହେବାର ଅନେକ କାରଣ ରହିଛି । ଏହି ଲୋକ- କୋଳାହଳ ମଧ୍ୟରେ ବୟସ ନିର୍ବିଶେଷରେ କିଛି ବ୍ୟକ୍ତି ମାନବିକ ବିଧି ଓ ବ୍ୟବହାରକୁ ସୁମାର୍ଜିତ କରିବା ସକାଶେ ଯେପରି ଅଙ୍ଗୀକାରବଦ୍ଧ, ତଦ୍ୱାରା ଏକ ଅନ୍ତର୍ଗତ ସୁସ୍ଥ-ଚିନ୍ତନ ମଧ୍ୟ ଯେ ଅଦୃଶ୍ୟ ଭାବରେ ପ୍ରବାହିତ, ଏହାକୁ ମଧ୍ୟ ଅସ୍ୱୀକାର କରାଯାଇପାରେ ।

ଗଣମାଧ୍ୟମ ହେଲା ଗଣମାନଙ୍କ ନିମିତ୍ତ ଉଦ୍ଦିଷ୍ଟ । ସେଥିପାଇଁ ସେମାନଙ୍କର ପରମ କର୍ତ୍ତବ୍ୟ ହେଉଛି ଜନତାଙ୍କୁ ଯଥାର୍ଥ ମାର୍ଗରେ ପରିଚାଳିତ କରିବା । ଏହି ମହାନ ଭୂମିକା ଯେଉଁମାନେ ବିସ୍ମରିଯାଇ କେବଳ ଜନତାର ଦାବି ଉପସ୍ଥାପନ କରନ୍ତି ଓ ସେତିକିରେ ନିଜର କର୍ତ୍ତବ୍ୟ ସମ୍ପାଦନ ଶେଷ ହେଲା ବୋଲି ମନେ କରନ୍ତି । ତାହା ପ୍ରକୃତ ଗଣମଧ୍ୟମର ଲକ୍ଷ୍ୟଠାରୁ ଦୂରବର୍ତ୍ତୀ ହୋଇଯାଏ । ବାସ୍ତବରେ ଗଣମାଧ୍ୟମ ହେଲା ଗଣଚେତନା ଉଦ୍ରେକ କରିବାର ଏକ ମହତ୍ତର ମାଧ୍ୟମ । ମହାତ୍ମାଗାନ୍ଧୀ ବା ଉତ୍କଳମଣି ଗୋପବନ୍ଧୁ ଦାସ ଏକଥାକୁ ଅକ୍ଷରେ ଅକ୍ଷରେ ପାଳନ କରିଥିଲେ ବୋଲି ଦେଶ ବା ପ୍ରଦେଶରେ ଚେତନାର ଆଲୋକ ବିଚ୍ଛୁରିତ ହୋଇପାରିଥିଲା । ମହାତ୍ମାଗାନ୍ଧୀ ଥିଲେ ଅହିଂସାର ପୂଜାରୀ । ଅହିଂସା ହିଁ ଯେ ପାରିବାରିକ ସ୍ତରଠାରୁ ଆନ୍ତର୍ଜାତୀୟ ସ୍ତର ପର୍ଯ୍ୟନ୍ତ ଉତ୍ତମ ବୁଝାମଣା ପ୍ରତିଷ୍ଠା କରିପାରେ, ଏହା ନିଜ ଜୀବନରେ ପରୀକ୍ଷା କରି ସେ ଉପଲବ୍ଧି କରିପାରିଥିଲେ । ସ୍ୱାଧୀନତା ଆନ୍ଦୋଳନ ସମୟରେ ମଧ୍ୟ ହିଂସାଚରଣକୁ ସେ କଦାପି ସମର୍ଥନ କରିନାହାନ୍ତି, କିମ୍ବା ଶସ୍ତା ଲୋକପ୍ରିୟତା ଅର୍ଜନ କରିବା ପାଇଁ କେବେହେଲେ ଆକାଂକ୍ଷା ପୋଷଣ କରିନାହାନ୍ତି । ସମ୍ବାଦ ପରିବେଷଣ ଯଦି ହୁଏ କେବଳ ଏକ ଅନାସକ୍ତ ବର୍ଣ୍ଣନା, ତାହା ପାଠକ ଭିତରେ ଉଦ୍‌ବେଳନ ସୃଷ୍ଟି କରିବାରେ ଅକ୍ଷମ । ସମ୍ବାଦ ସହିତ ସମୀକ୍ଷା ଯେଉଁଠି ସଂଯୁକ୍ତ, ତାହାହିଁ ଜନତାଙ୍କ ମଧ୍ୟରେ ସୃଷ୍ଟି କରିପାରେ ଏକ ଚେତନାଦୀପ୍ତ ଅଧ୍ୟାୟ ।

ଜନତା ଓ ଜନତା ଜନାର୍ଦ୍ଦନ- ଏ ଉଭୟ ଶବ୍ଦରେ ଅର୍ଥ ହେଉଛି ଭିନ୍ନ ଭିନ୍ନ । ଯେଉଁମାନେ କେବଳ ନିଷ୍ପ୍ରାଣ ଜନପୁଞ୍ଜର ଏକ ଏକ ଅସାର ଅସ୍ତିତ୍ୱ ସେମାନଙ୍କ ଦ୍ୱାରା କୌଣସି ମହତ୍ କାର୍ଯ୍ୟ ସାଧିତ ହୋଇପାରେ ନାହିଁ । ଅପରପକ୍ଷରେ ଯେଉଁମାନେ ଚେତନାଦୀପ୍ତ ନିର୍ମାଣ-କ୍ଷମ ଶକ୍ତି, ସେମାନେ ହେଉଛନ୍ତି ଯଥାର୍ଥରେ ଜନତା ଜନାର୍ଦ୍ଦନ । ଏହିମାନଙ୍କ ଅବଦାନରେ ପୃଥିବୀ ହୁଏ କଲ୍ୟାଣ ଅଭିମୁଖୀ ବ୍ରତରେ ଆବଦ୍ଧ । ସଂପ୍ରତି ଗଣମାଧ୍ୟମର ଯେପରି ବିସ୍ଫୋରଣ ଘଟିଛି, ତା' ତୁଳନାରେ ଏହି ଚେତନଶୀଳ ସମାଜ ସୃଷ୍ଟିର ସମ୍ଭାବନା ଅଧିକ ସଂକୁଚିତ ହୋଇପଡ଼ିଛି । ଅଧିକାଂଶ ଗଣମାଧ୍ୟମକୁ ନିଜସ୍ୱ ଆର୍ଥିକ ଲାଭାଂଶକୁ ବୃଦ୍ଧି କରିବାରେ ଯେଭଳି ତତ୍ପର, ସେମାନଙ୍କଠାରୁ ଆଦର୍ଶ ବାର୍ତ୍ତାର ପ୍ରଚାର ପ୍ରସାର ଆଶା କରିବା ନିରର୍ଥକ । କୌଣସି ଗଣମାଧ୍ୟମ କଦାପି ଏକଥା ସ୍ୱୀକାର କରିବେ ନାହିଁ ଯେ, ସେମାନେ ଗଣ-ଚେତନା ସୃଷ୍ଟିରେ ଅକ୍ଷମ । କିନ୍ତୁ ଏତେ ସମ୍ବାଦପତ୍ର, ଏତେ ଟିଭି ଚ୍ୟାନେଲ, ସମଗ୍ର ବାତାବରଣକୁ ଉଷ୍ଣ କରି ରଖିଥିବା ସତ୍ତ୍ୱେ ଆମ ମାନବ-ସମାଜ ଏତେ ବିଭ୍ରାନ୍ତ ବିବେକଶୂନ୍ୟ ଓ ମହତ୍ ଉଦ୍ଦେଶ୍ୟ ବିହୀନ ହୋଇ କିପରି କାଳାତିପାତ କରନ୍ତି, ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ଏହି ମହାନ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତବର୍ଷର ଗଣତାନ୍ତ୍ରିକ ଚେତନା କେତେ ପରିମାଣରେ ସୁରକ୍ଷିତ, ତାହା କହିବା ନିଷ୍ପ୍ରୟୋଜନ । ଅଚେତନ ଜନତାଙ୍କୁ ସଚେତନ କରିବାର ସୁଦୃଢ଼ ମଙ୍ଗଳମୟ ଆକାଂକ୍ଷା ବିହୁନେ ଏକ କାର୍ଯ୍ୟ ବାସ୍ତବରେ ରୂପାନ୍ତରିତ ହେବା ଅସମ୍ଭବ । ଯେଉଁ ଘଟଣା ହଟଚମଟକାରୀ, ଯାହା ଚାଞ୍ଚଲ୍ୟକର ଓ ଚର୍ଚ୍ଚାର ଖୋରାକ ଯୋଗାଇବାରେ ଅଧିକ ଉତ୍ତପ୍ତ, ସେପରି ଖବରକୁ ସର୍ବାଗ୍ରେ ଗୁରୁତ୍ୱ ଦେବାର ଯେଉଁ ପରମ୍ପରା ହେଉଛି ମୁଖ୍ୟ ଭୂମିକା, ଏହା ନିଜର କ୍ଷୁଦ୍ର ସ୍ୱାର୍ଥ ସାଧନ କରୁଥିବା ଗଣମାଧ୍ୟମଗୁଡ଼ିକ ହୃଦୟଙ୍ଗମ କରିପାରନ୍ତି ନାହିଁ । ଟିଭି ଚ୍ୟାନେଲ ମାନଙ୍କରେ ସେପରି ଘଟଣାକୁ ଉଚ୍ଚକିତ କଣ୍ଠସ୍ୱରରେ ବାରମ୍ବାର ବିଭୋଷିତ କରିବା ଓ ବଡ଼ ବଡ଼ ଅକ୍ଷରରେ ଟିଭି ପରଦା ଉପରେ ତାକୁ ପ୍ରଦର୍ଶନ କରିବାର ଯେଉଁ ମନୋଭାବ ଲକ୍ଷ୍ୟ କରାଯାଉଛି, ସେଥିରେ ସାହିତ୍ୟର ପ୍ରଭାବ ଯେ ସଂପୂର୍ଣ୍ଣ ଶୂନ୍ୟ, ଏହା ହିଁ ଉପଲବ୍ଧ କରିହୁଏ । ଆମ ସମାଜ-ଜୀବନରେ ଯେଉଁସବୁ ନକାରାତ୍ମକ ଘଟଣା ଘଟେ, ତାହାକୁ ସମସ୍ତଙ୍କ ଆଗକୁ ଆଣିବାରେ ସାମ୍ବାଦିକମାନେ ଯେଉଁ ଉତ୍ତେଜନା ଅନୁଭବ କରନ୍ତି ସକାରାତ୍ମକ ଘଟଣାର ପ୍ରକୃତ ବ୍ୟାଖ୍ୟା କରିବାରୁ ସେତିକି ନିବୃତ ହୋଇ ରହିଥାନ୍ତି । ଏହା ଯେତେ ଅପ୍ରିୟ ହେଲେ ମଧ୍ୟ ଯେ ନିଷ୍ଠୁର ସତ୍ୟ, ଏହାକୁ କିଏ ବା ଅସ୍ୱୀକାର କରିବ ?

ସମ୍ବାଦପତ୍ର ପ୍ରକାଶ କରିବା, ଟିଭି ଚ୍ୟାନେଲ ଆରମ୍ଭ କରିବା, ଫେସବୁକ୍ ବା ହ୍ୱାଟସଆପ୍ ପ୍ରବର୍ତ୍ତନ କରିବା ଯଦି ହୁଏ କେବଳ ବ୍ୟବସାୟ, ତା'ହେଲେ ଏହା କେବେହେଲେ କଲ୍ୟାଣମୂଳକ ପଦକ୍ଷେପ ନେବାରେ ସକ୍ଷମ ହୋଇପାରିବ ନାହିଁ । ମିଥ୍ୟା, ହିଂସାତ୍ମକ ଉତ୍ତେଜନା ସୃଷ୍ଟିକାରୀ ସମ୍ବାଦ ପରିବେଷଣକୁ କ୍ଷାନ୍ତ ହୋଇ ନ ରହିବା ଯାଏଁ ଓ ସାହିତ୍ୟ ବୋଧ ପ୍ରତ୍ୟେକଙ୍କ ଭିତରେ ପ୍ରତିଷ୍ଠିତ ନହେବା ପର୍ଯ୍ୟନ୍ତ ଏପରି ଗଣ-ବିରୋଧୀ ଗଣମାଧ୍ୟମ ଗଣଧ୍ୱଂସୀ ହୋଇ ରହିଥିବ । ସାମ୍ବାଦିକ ଓ ସମ୍ପାଦକ ଭାବରେ ମହାତ୍ମାଗାନ୍ଧୀ, ଉତ୍କଳମଣି ଗୋପବନ୍ଧୁ ଦାସ, ଡ. ହରେକୃଷ୍ଣ ମହତାବ, ଡ. ରାଧାନାଥ ରଥ ଯେପରି ନିଃସ୍ୱାର୍ଥପର ଆଉ ନିରପେକ୍ଷ ଭାବରେ ନିଜ କର୍ତ୍ତବ୍ୟ ସମ୍ପାଦନା କରିଯାଇଛନ୍ତି, ତାହା ଆଜିର ଦୁଃସ୍ଥିତି ମଧ୍ୟରେ ଏକାନ୍ତ ସ୍ମରଣୀୟ ଓ ଅନୁସରଣୀୟ । ଏହା ସମ୍ଭବ ହୋଇ ପାରିଲେ ସାହିତ୍ୟ ଓ ଗଣମାଧ୍ୟମର ଆତ୍ମିକ ଚେତନା ମଧ୍ୟରେ ଆଉ କୌଣସି ଭିନ୍ନତା ରହିବ ନାହିଁ । ସାହିତ୍ୟ ଯେପରି କଲ୍ୟାଣ ଅଭିମୁଖୀ, ଗଣମାଧ୍ୟମ ସେପରି ଗଣଚେତନାର ହେବ ବଳିଷ୍ଠ ବାର୍ତ୍ତାବହ । ସମାଜ ସଂସ୍କାର ପାଇଁ ନେଇପାରିବ ପ୍ରଭାବଶାଳୀ ଭୂମିକା । ଜାତି, ବର୍ଣ୍ଣ, ଧର୍ମ, ଭାଷାର ଦ୍ୱାହି ଦେଇ ଯେଉଁମାନେ ସୃଷ୍ଟି କରନ୍ତି ତାଣ୍ଡବଲୀଳା, ସେମାନଙ୍କୁ ଆୟତ୍ତାଧିନ କରି ରଖିବାରେ ଗଣମାଧ୍ୟମ ହେବ ସଫଳ, ଯଦି ସାହିତ୍ୟିକ ଅଭିରୁଚି ହେବ ଗଭୀରରୁ ଗଭୀରତର ।

ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ, (ଓଡ଼ିଆ, ଇଂରାଜୀ, ଉର୍ଦ୍ଦୁ)
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର-୮୯
ମୋ: ୯୯୩୭୩୬୫୬୯୮

ସ୍ମୃତିଶତଦଳ ୨୪୭

ମେଡିକାଲ କଲେଜର ଶିକ୍ଷକ

ଡା. ସରୋଜିନୀ ଷଡଙ୍ଗୀ

❤ ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ସମସ୍ତଙ୍କ ପାଖରେ ଭାଷଣ ଦେବାର କଳା ନଥାଏ, ବିଷୟବସ୍ତୁକୁ ଭଲଭାବେ ଜାଣିଥିଲେ ବି କଥାରେ ସ୍ପଷ୍ଟତା ଥିଲେ ବି ଏବଂ ବ୍ୟକ୍ତିତ୍ୱରେ ଭରପୂର ଆକର୍ଷଣ ଥିଲେ ବି ସମସ୍ତଙ୍କ ମନକୁ ଛୁଇଁଗଲା ଭଳି ଭାବଟିଏ ନଥାଏ, ସେ ଭାଷଣରେ । ସେ ଚୁମ୍ବକୀୟ ବ୍ୟକ୍ତିତ୍ୱ ଖୁବ୍ କମ୍ ଜଣଙ୍କ ପାଖରେ ଥାଏ ତେଣୁ ବେଳେବେଳେ ତତ୍ତ୍ୱଦର୍ଶୀ ବକ୍ତବ୍ୟ ବି ଅନାକର୍ଷଣୀୟ ହୋଇଯାଏ । ଠିକ୍ ସେମିତି ଅନେକ ବ୍ୟକ୍ତି ଶିକ୍ଷକ ହେବାକୁ ଚାହିଁଥାନ୍ତି ଏବଂ ସ୍କୁଲରେ ହେଉ ବା' କଲେଜରେ ହେଉ ପାଠ ପଢେଇବାକୁ ଇଚ୍ଛା କରିଥା'ନ୍ତି କିନ୍ତୁ ପାଠ ପଢେଇବାର ଶୈଳୀରେ ଚମତ୍କାରିତା ନଥିଲେ ଛାତ୍ରଛାତ୍ରୀମାନେ ଆକର୍ଷିତ ହୁଅନ୍ତି ନାହିଁ କି ମନ୍ତ୍ର ମୁଗ୍ଧ ଭଳି ସେ ପାଠକୁ ମନେ ରଖନ୍ତି ନାହିଁ ।

କେବେ କେଉଁଠି ମୋ ମନରେ କ୍ଷୀଣ ଆଶାଟିଏ ବସା ବାନ୍ଧି ରହିଥିଲା, ଡାକ୍ତର ନ ହୋଇଥିଲେ ଫିଜିକ୍ସ ବା' ପଦାର୍ଥ ବିଜ୍ଞାନରେ ଅଧ୍ୟାପିକାଟିଏ ହୋଇଥାନ୍ତି । ବିଜ୍ଞାନରେ ସବୁଠୁଁ ପ୍ରିୟ ବିଷୟ ମୋର ଥିଲା 'ପଦାର୍ଥ ବିଜ୍ଞାନ' ଏବଂ ମେଡିକାଲ ସିଟ ପାଇବା ଆଗରୁ ରେଭେନସା କଲେଜରେ ଫିଜିକ୍ସ ଅନର୍ସରେ ସିଟ ପାଇଥିଲି ମଧ୍ୟ ।ସେଠାରେ ନନା(ମୋ ବାପା) ଖୁସି ହୋଇ ନାଁ ଲେଖେଇବାକୁ ଯାଉଥିଲେ । ତାଙ୍କ ମୁଣ୍ଡରେ ଭୁଲ ଧାରଣାଟିଏ ଭର୍ତ୍ତି କରି ଦିଆ ଯାଇଥିଲା ଯେ, "ଝିଅମାନେ କଣ ଡାକ୍ତର ହେବେ, ବରଂ କଲେଜରେ ଅଧ୍ୟାପିକା ହେବା ଭଲ ଏବଂ ଝିଅ ଡାକ୍ତର ମାନଙ୍କର ଚାରିଖୁରାକୁ ଜୁହାର ।" ମତେ ବେଶ୍ କିଛି ସମୟ ଲାଗିଗଲା ଏ ଭୁଲ ଧାରଣାଟିକୁ ନନାଙ୍କ ମୁଣ୍ଡରୁ କାଢିନେବା ପାଇଁ । ତା' ପରବର୍ତ୍ତୀ ଚିତ୍ର ଗୁଡିକ ବେଶ୍ ସ୍ପଷ୍ଟ ଯେ ଏସ.ସି.ବିରେ ଏମ୍.ବି.ବି.ଏସ୍ ପାଠ ସମାପ୍ତ ଏବଂ ଚାକିରୀ । କିନ୍ତୁ କଲେଜ କ୍ୟାଡର ପାଇଁ ଆମର ଅଲଗା ଓ ପବ୍ଲିକ ସର୍ଭିସ କମିଶନ ପରୀକ୍ଷା ଦେବାକୁ ହେଉଥିଲା । ମୁଁ ସେତକ ପାଶ କରି ଏସ.ସି.ବିରେ ଜଏନ କଲାପରେ ମତେ ସବୁଠାରୁ ତୃପ୍ତି ଲାଗିଥିଲା, ମୋର ଡିଉଟି ସାଙ୍ଗରେ ଏମ୍.ବି.ବି.ଏସ ପିଲାଙ୍କୁ ପାଠ ପଢାଇବା କାମ । ପ୍ରଥମ ପୋଷ୍ଟିଂ ପରେ ପରେ ପ୍ରତ୍ୟେକ ଦିନ ଆଉଟଡୋର ଓ ଇନଡୋରରେ ଛାତ୍ରଛାତ୍ରୀମାନଙ୍କୁ ପାଠ ପଢାଇବାର ଦାୟିତ୍ୱ ନେଲି । ଗୋଟିଏ ଗୋଟିଏ ଟ୍ୟୁଟୋରିଆଲ ଗ୍ରୁପ ଜଣେ ଜଣେ ଅଧ୍ୟାପକ ବା' ଅଧ୍ୟାପିକାଙ୍କ ଚାର୍ଜରେ ଥାନ୍ତି । କିନ୍ତୁ ଗୋଟିଏ ଗୋଟିଏ ଗ୍ରୁପକୁ ପଢଉ ପଢଉ ପବନ ଭଳି ଖବର ଟିଏ ପ୍ରଚାରିତ ହୋଇଗଲା ଯେ, ପି.ଜି ଆଇ ଚଣ୍ଡୀଗଡରୁ ପାସ୍ କରି ଯେଉଁ ନୂଆ ମ୍ୟାଡମ ଜଣଙ୍କ ଆସିଛନ୍ତି, ସେ ଖୁବ୍ ଭଲ ପଢଉଛନ୍ତି, ଏବଂ ଆମର ମଧ୍ୟପାଠ ମନେ ରହିଯାଉଛି । ଅନେକ ଗ୍ରୁପର ଛାତ୍ରଛାତ୍ରୀମାନେ ଆସି ମତେ ଅନୁରୋଧ କଲେ ଯେ, ସେମାନେ ଅନ୍ୟ ଟ୍ୟୁଟୋରିଆଲ ଗ୍ରୁପରୁ ଆସି ମୋ ଗ୍ରୁପରେ ପଢିବେ । ସତରେ ମୋର ସେତେବେଳେ ଖୁସିର ସୀମା ରହିଲା ନାହିଁ ଏବଂ ମୁଁ ଆନନ୍ଦରେ ଅବଶିଷ୍ଟ ସମୟ ସେମାନଙ୍କୁ ପଢାଇଲି, କାରଣ ପଢାଇବା ବେଳେ ମୋର ସେଇ ବିଷୟଟି ମୁଖସ୍ତ ହୋଇଯାଏ । ଶେଷକୁ ଏମିତି ହେଲା ମୋର ବାରଂବାର ଏମର୍ଜେନ୍ସି ଡ୍ୟୁଟି ଅପରେସନ ଓ କ୍ଲାସ ଭିତରେ ଆଉ ଜମା ସମୟ ବଳୁନଥିଲା ।

ଏସ.ସି.ବିରେ ନର୍ସିଂ ସ୍କୁଲ ଓ କଲେଜ ମଧ୍ୟ ଅଛି, ସେମାନଙ୍କର କେତୋଟି ଗାଇନୋକୋଲୋଜି ଓ ମିଡୱାଇଫେରି କ୍ଲାସ ଆମମାନଙ୍କୁ ନେବାକୁ ପଡିଥାଏ । ଅନ୍ୟମାନେ ସମୟ ନଥିବାର ଦ୍ୱାହି ଦେଲାବେଳେ ମୁଁ ଆନନ୍ଦରେ ନର୍ସିଂ ପିଲାଙ୍କର ଜେନେରାଲ କ୍ଲାସ ନେଇ ଡମି ପେଲଭିସ ଦେଖି ଭଲଭାବେ ପଢାଇଦିଏ । ଯାହାଦ୍ୱାରା ନର୍ସିଂଛାତ୍ରୀମାନେ ଗାଁ ଗହଳିରେ ପ୍ରସବକାର୍ଯ୍ୟ ସୁରୁଖୁରୁରେ କରିପାରିବେ କାରଣ ଡାକ୍ତର ନମିଳିବା ବେଳେ ନର୍ସମାନଙ୍କର ଏଗୁଡିକ ଚିକିତ୍ସା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ । ମୁଁ ଜେନେରାଲ କ୍ଲାସ ଭଲ ଭାବରେ ପଢାଇବା ପରେ ସେମାନେ ଏତେ ଖୁସି ହୋଇଯା'ନ୍ତି ଯେ, କହିହେବ ନାହିଁ । ତା'ପରେ ପରେ ନର୍ସିଂ ସିଷ୍ଟରମାନେ ତାଙ୍କର ବାର୍ଷିକ ଉତ୍ସବରେ ଅନୁଷ୍ଠିତ ହେଉଥିବା ଗଳ୍ପ, କବିତା, ଭାଷଣରେ ମତେ ବିଚାରକ କରି ଡାକିବା ସହ ଝୋଟି, ମୁରୁଜ ଆଦି ପ୍ରତିଯୋଗିତାରେ ମଧ୍ୟ ବିଚାରକ ଭାବେ ଡାକନ୍ତି । ଏମିତିକି ଥରେ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ମଧ୍ୟ ମତେ ବିଚାରକ ଭାବେ ନିମନ୍ତ୍ରିତ କରିବାରୁ ମୁଁ ଆକାଶରୁ ଖସି ପଡିଥିଲି ଏବଂ କହିଲି "ଆରେ ଭାଇ ଚଳଚ୍ଚିତ୍ର ତାରକାମାନଙ୍କୁ ଡାକ, ମତେ କାହିଁକି ?" ସେମାନେ କହିଲେ "ମେଡିକାଲ କଲେଜରେ କେବଳ ଆପଣ ହିଁ ଏଇ ପ୍ରତିଯୋଗିତାଟିକୁ ସଂଚାଳିତ କରିପାରିବେ" ଏବଂ ଆଶ୍ଚର୍ଯ୍ୟର କଥା ସେଥିରେ ନର୍ସିଂ ଛାତ୍ରୀମାନଙ୍କର ମଡେଲିଂ ଚାଲି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସର୍ବଭାରତୀୟ ସ୍ତରରୁ କୌଣସି ଗୁଣରେ କମ୍ ନଥିଲା । ସେମାନଙ୍କ ପ୍ରତିଭା, କହିବା ଓ

ପ୍ରତିକୂଳ ପାଗ ସତ୍ତ୍ୱେ ବିଭିନ୍ନ ସ୍ଥାନରେ ଘୋଷ ଯାତ୍ରା : ନିର୍ଦ୍ଦିଷ୍ଟ ସମୟରେ ନୀତିକାନ୍ତି ଶେଷ

ଜଳେଶ୍ୱର, ୦୨/୦୭ (ନି.ପ୍ର): ଜୁଲାଇ ୧ ତାରିଖରେ ଶ୍ରୀଜଗନ୍ନାଥ, ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହିତ ମାଉସୀବାଡିକୁ ରଥାରୁଢ ହୋଇ ଯାଇଛନ୍ତି । ପ୍ରତିକୂଳ ପାଗସତ୍ତ୍ୱେ ୨ବର୍ଷ ଧରି କରୋନାର ଭୟାବହତା ଯୋଗୁଁ ରଥଯାତ୍ରା ଅନୁଷ୍ଠିତ ହୋଇନଥିବାରୁ ଚଳିତବର୍ଷ ବହୁ ଜନସମାଗମ ହୋଇଥିଲା । ନିତିକ୍ରାନ୍ତି ଓ ହେଛରାପହଁରା ପରେ ରଥାଟଣା ବେଳକୁ ପ୍ରବଳ ବର୍ଷା ଓ ପବନ ହୋଥିଲେ ମଧ୍ୟ ବିଭିନ୍ନ ସ୍ଥାନରେ ରାତିଯାଏ ରଥଟଣା ଚାଲିଥିବା ଦେଖିବାକୁ ମିଳିଥିଲା । ଉତ୍ସାହ ଓ ଉର୍ଦ୍ଦିପନା ମଧ୍ୟରେ ରଥଟଣାରେ ମହିଳାମାନଙ୍କ ଅଧିକ ସଂପୃକ୍ତି ଦେଖିବାକୁ ମିଳିଥିଲା । ଜଳେଶ୍ୱରର ସର୍ବପୁରାତନ ବଡବଜାର ଜଗନ୍ନାଥ ମନ୍ଦିର ରଥ, ନୂଆବଜାର, ଈଷନ ମନ୍ଦିର, ମହମ୍ମଦନଗରପାଟଣା, ବଳରାମପୁର, ଓଳିନ୍ଦା, ଆରୁହା, ଶାଳିକୋଠା, ଗୋପିମୋନପୁର, ସରସୀଦା, ବଡନଗର, ଖୁଲୁଡା, ବର୍ତ୍ତନା, କସିଦା, ଦେବକୁମାର, ପଣ୍ଡିମବାଡ;, ଝାଡପିମ୍ପଳ, ବାଇଗଣବାଡିଆ, ଜମାଳପୁର, କୋଟସାହି, କାଶିଡିହା, ସୁଗୋ, ନାମ୍ପୋ, ଡେମୁରିଆ, ନେତୁଆ, ହାଟପଦା, ନଛିମପୁର, ଚାଫଲା, ରାଇବଣିଆ, ମାକିଡିଆ (୪୫୦ବର୍ଷର), ଓଲମରା, ଶ୍ୟାମନଗର, ବରଡିହା, ଶିଖରପୁର, ସୁଖଦୁଖିଆ, ଗୁରୁଦାସପୁର ଇତ୍ୟାଦି ସ୍ଥାନରେ ରଥଯାତ୍ରା ଜାକଜମକରେ ଅନୁଷ୍ଠିତ ହୋଇଯାଇଛି । ଗୋପିମୋହନ ଠାରେ ଥିବା ପାବନକ୍ଷେତ୍ରରେ ଚଳିତବର୍ଷ ରଥଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ କମିଟିର ବରିଷ୍ଠ ସଦସ୍ୟ ଶରତ ଚନ୍ଦ୍ର ପ୍ରଧାନ ଛେରାପହଁରା କରିଥିଲେ । ସକାଳ ୪ଟାରେ ସକାଳ ଧୂପ, ୫ଟା୩୦ରେ ମଂଗଳ ଆରତୀ, ୬.୩୦ରେ ଗୋପାଳବଲ୍ଲଭ ଭୋଗ, ୧୦.୩୦ରେ ସାହାଣ ମେଲା, ୧୧.୩୦ରେ ମହାପ୍ରସାଦ, ମଧ୍ୟାହ୍ନରେ ଦ୍ୱାରଫିଟା, ୨.୩୦ରେ ଗୁପ୍ତ ସେବା, ୩ଟାରେ ପହଣ୍ଡି ବିଜେ ଅନୁଷ୍ଠିତ ହୋଇଯାଇଛି । ବଡପଣ୍ଡା ବିନୋଦ ମହାପାତ୍ର ଏ ସମସ୍ତ କାର୍ଯ୍ୟ ସୂଚାରୁରୂପେ ପରିଚାଳନା କରିଥିଲେ । ନୂଆବଜାର ଠାରେ ଅନୁଷ୍ଠିତ ରଥଯାତ୍ରାରେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ପ୍ରଫୁଲ୍ଲ ପାଠୀ ଛେରାପହଁରା ପରେ ୬୦ନଂ ଜାତୀୟ ରାଜପଥ ଓ ପରେ ୫୭ ରାଜ୍ୟ ରାଜପଥ ଦେଇ ୩ଦିଅଙ୍କ ରଥ ୭.୩୦ରେ ମାଉସୀମାଠାରେ ପହଞ୍ଚିଥିଲା । ବଡପଣ୍ଡା ସପନ ମିଶ୍ର ପରିଚାଳନା କରିଥିଲେ । ଈଷନ ରଥରେ ପୂର୍ବତନ ନଗରପାଳ ପ୍ରବିର କୁମାର ପ୍ରଧାନ ଛେରାପହାଁ କାର୍ଯ୍ୟ ଶେଷ ପରେ ରଥଟଣା ଶେଷ ହୋଇଥିଲା । ଭକ୍ତ ଚନ୍ଦ ଦାସ, ହେମହରୀ ଦାସଙ୍କ ଦ୍ୱାରା କାର୍ଯ୍ୟ ସମ୍ପାଦନ କରାଯାଇଥିଲା ।

ବର୍ଷାପୂର୍ବରୁ ମ୍ୟୁନିସିପାଲଟିର ବିଭିନ୍ନ ନାଳରୁ ଜଳ ନିଷ୍କାସନ ବ୍ୟବସ୍ଥା ତ୍ୱରାନ୍ୱିତ

ଜଳେଶ୍ୱର, ୨/୭(ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ମ୍ୟୁନିସିପାଲଟି ଅଂଚଳରେ ଥିବା ବିଭିନ୍ନ ନାଳ ଓ ଖାଳରେ ବର୍ଷାଜଳ ନିଷ୍କାସନ ଲାଗି ନିଆଯାଇଥିବା ପଦକ୍ଷେପ କାର୍ଯ୍ୟକାରୀ ଆରମ୍ଭ ହୋଇଛି । କେତେକ ୱାର୍ଡର ଜଳ ନିଷ୍କାସନ ଲାଗି ନାଳ ଖୋଳା ହୋଇଥିବା ବେଳେ ବହୁ ସ୍ଥାନରେ ବିଲାତି ଦଳ ଯୋଗୁଁ ଜଳ ନିଷ୍କାସନ ହୋଇ ପାରୁ ନାହିଁ । ସ୍ୱୟଂ ସହାୟକ ଗୋଷ୍ଠି ଦ୍ୱାରା ଏ ସବୁର କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି । ୱାର୍ଡ ନଂ ୪, ୫, ୧୧ ଓ ୧୩ ରେ ଥିବା ମହାନାଳକୁ ସ୍ୱୟଂ ସହାୟକ ଗୋଷ୍ଠୀ ମାନେ ଦିର୍ଘଦିନ ଧରି ସଫେଇ କରିବା ଫଳରେ ପ୍ରାୟ ୧୮୦୦ ମିଟର ଖାଳ ପରିଷ୍କାର ହୋଇଛି । ସେହିପରି ୱାର୍ଡ ନଂ ୮, ୯ ଓ ୬ରେ ୯୫୦ ମିଟର ନାଳ ପୁନଃରୁଦ୍ଧାର କାର୍ଯ୍ୟ ଶେଷ ହେବା ପର୍ଯ୍ୟାୟରେ ପହଞ୍ଚିଥିବା ପୌର ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ ସୂଚନା ଦେଇଛନ୍ତି । ଏଥିରେ କେତେକ ଘରୋଇ ଜମି ଥିବାରୁ ଭବିଷ୍ୟତରେ ତାହା ଅଧିଗ୍ରହଣ ହେବା ସଂପର୍କରେ ସେ ସୂଚନା ଦେଇଛନ୍ତି । ଦୀର୍ଘ ୫୦ବର୍ଷ ଧରି ରହିଥିବା ସମସ୍ୟା ଦୂର ଲାଗି ପୌରପରିଷଦର ଏପରି ସିଦ୍ଧାନ୍ତକୁ ସାଧାରଣରେ ପ୍ରଶଂସା କରାଯାଇଛି । ସେହିପରି ସମସ୍ତ ଗଳିକନ୍ଧିରେ ଲାଇଟ୍ ଜଳିବା, ସ୍ମାଟ ଶବ ସଂସ୍କାର ଗୃହ , ସ୍ମାଟ ପାର୍କର, ସହରର ପ୍ରବେଶ ପଥରେ ସ୍ୱାଗତ ତୋରଣ, ଭେଣ୍ଡିଜୋନ କାର୍ଯ୍ୟ ଇତ୍ୟାଦି ହାତକୁ ନିଆଯାଉଥିବା ସଂପର୍କରେ ଅଧ୍ୟକ୍ଷ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି ।

ନିଯୁକ୍ତି ବିହୀନ ବଜେଟ୍ : ସିପିଆଇ

ଭୁବନେଶ୍ୱର,୦୨/୦୭ (ନି.ପ୍ର): ଚଳିତ ବର୍ଷର ରାଜ୍ୟ ବଜେଟ୍ ରାଜ୍ୟର ବେକାର ଯୁବକ-ଯୁତୀମାନଙ୍କୁ ନିରାଶ କରିଛି । ରାଜ୍ୟ ଭିତରେ କାମଧନ୍ଦା ନପାଇ ୨୦ଲକ୍ଷରୁ ଉର୍ଦ୍ଧ୍ୱ ରାଜ୍ୟ ବାହାରେ ଥିବାବେଳେ ରାଜ୍ୟ ଭିତରେ ଥିବା ପ୍ରାୟ ୩୦ଲକ୍ଷ ବେକାରଙ୍କ ପାଇଁ ନିଯୁକ୍ତିର କୌଣସି ସମ୍ଭାବନା ନାହିଁ । କୃଷକମାନଙ୍କ ଫସଲର ସଂରକ୍ଷଣ ପାଇଁ ପ୍ରତି ବ୍ଲକ୍‌ରେ ଶୀତଳ ଭଣ୍ଡାରର ଆବଶ୍ୟକତା ଥିବାବେଳେ ବଜେଟ୍‌ରେ ତାହାର କୌଣସି ବ୍ୟବସ୍ଥା ନାହିଁ । ଜଳସେଚନର ଉନ୍ନତି ପାଇଁ ଉପଯୁକ୍ତ ବ୍ୟୟ ବରାଦ ନାହିଁ । ସାମଗ୍ରିକଭାବରେ ଏହା ଏକ ନୈରାଶ୍ୟଜନକ ବଜେଟ୍ ବୋଲି ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ କହିଛନ୍ତି।

୧୦୦ ମାଇକ୍ରନ୍‌ରୁ କମ୍ ପ୍ଲାଷ୍ଟିକ ନିଶିଦ୍ଧ : ହେବ ଦୃଢ କାର୍ଯ୍ୟାନୁଷ୍ଠାନ

ଜଳେଶ୍ୱର, ୨/୭(ନି.ପ୍ର) : କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ ୧୦୦ ମାଇକ୍ରନ୍‌ରୁ କମ୍ ପଲିଥିନ ନିର୍ମାଣ, ବିକ୍ରି, ଆମଦାନୀ, ରପ୍ତାନୀ, ମହଜୁଦ୍ ଇତ୍ୟାଦି ବେଆଇନ୍ ଘୋଷିତ ହୋଇଛି । ପ୍ଲାଷ୍ଟିକ ବର୍ଜ୍ୟାବସ୍ତୁରେ ପରିଗଣିତ ହେଉଥିଲେ ମଧ୍ୟ ଏପରି ପ୍ଲାଷ୍ଟିକ୍ ମାଟିରେ ତାର ସତ୍ତା ହରାଉନଥିବାରୁ ପରିବେଶ ପ୍ରଦୋଷଣକୁ ପ୍ରସ୍ରାହିତ କରୁଛି । ବହୁ ପୂର୍ବରୁ ଏପରି ଏକ ଆଇନ୍ ଥିଲେ ମଧ୍ୟ ସରକାରଙ୍କ ନିୟମ ଅନୁଯାୟୀ ଆଜି (ଜୁଲାଇ ୧ତାରିଖ) ଠାରୁ ଜଳେଶ୍ୱର ପୌରପାଳିକା ବେଆଇନ୍ ଘୋଷଣା କରିଛି । ୧୦୦ ମାଇକ୍ରନ୍‌ରୁ କମ୍ ପ୍ଲାଷ୍ଟିକ୍ ଚାମୁଚ୍, ଗ୍ଲାସ, ପ୍ଲେଟ, ଥାଳି, ଛୁରୀ, ମିଠାଡବା, ପାଇପ୍, ସିଗାରେଟ ଡବା, ଆଇସ୍‌କ୍ରିମ କାଠି, ପତାକା, ଥର୍ମକୋଲ, କାନସଫାକାଠି, ବେଲୁନ୍ କାଠି, ପ୍ଲାଷ୍ଟିକ ବତଲ, ଚକଲେଟ କାଠି, ସୁତା, ନିମନ୍ତ୍ରଣ କାର୍ଡ, ପଲିଥିନ ବ୍ୟାଗ୍ ଇତ୍ୟାଦିକୁ ବେଆଇନ୍ ପରିସରଭୁକ୍ତ କରାଯାଇଛି । ଏହାକୁ ଅମାନ୍ୟକଲେ ଦୃଢ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପୌରପାଳିକା ପକ୍ଷରୁ କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ର ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ମାଇକ୍‌ଯୋଗେ ସମସ୍ତଙ୍କୁ ଅବଗତ କରାଯାଇଛି ।

ଗୋଟିଏ ଦିନରେ ୨୩୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୨/୦୭ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୩୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୯୦୧୯୨ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୩୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୯୯୭୮ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୦୩୫ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୧୩୫ ଜଣ ସଂଗରୋଧରୁ ଓ ୯୬ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାରେ ୧୩, ଭଦ୍ରକ ଜିଲ୍ଲାରେ ୫, ବଲାଙ୍ଗୀର ଜିଲ୍ଲାରେ ୧, କଟକ ଜିଲ୍ଲାରେ ୩୫. ଦେବଗଡ ଜିଲ୍ଲାରେ ୩, ଜଗତସିଂହପୁର ଜିଲ୍ଲାରେ ୨,ଯାଜପୁର ଜିଲ୍ଲାରେ ୨ ଝାରସୁଗୁଡାରେ ଜିଲ୍ଲାରେ ୧. କଳାହାଣ୍ଡି ଜିଲ୍ଲାରେ ୧, ଖୋର୍ଧା ଜିଲ୍ଲାରେ ୯୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମାଲକାନଗିରି ଜିଲ୍ଲାରେ୧. ମୟୁରଭଂଜ ଜିଲ୍ଲାରେ ୧, ନୂଆପଡା ଜିଲ୍ଲାରେ ୮, ପୁରୀ ଜିଲ୍ଲାରେ ୫, ସମ୍ବଲପୁର ଜିଲ୍ଲାରେ ୧୦ , ସୋନପୁର ଜିଲ୍ଲାରେ ୬,ସୁନ୍ଦରଗଡ ଜିଲ୍ଲାରେ ୧୨ ଓ ଷ୍ଟେଟ ପୁଲରେ ୨୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଅବଶିଷ୍ଟ ୧୧ ଟି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି।

ସାମ୍ବାଦିକ ତପନ ସ୍ୱାଇଁଙ୍କ ମାତୃ ବିୟୋଗ

ଭଦ୍ରକ,୦୨/୦୭ (ନି.ପ୍ର): ଭଦ୍ରକ ନିଉଜ ୧୮ର ବରିଷ୍ଠ ଜିଲ୍ଲା ପ୍ରତିନିଧି ତପନ ସ୍ୱାଇଁଙ୍କ ମାତା ତଥା ଅବସରପ୍ରାପ୍ତ ଜଳସେଚନ ବିଭାର ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ବିତ୍ତ ଅଧିକାରୀ ସ୍ୱର୍ଗତ ରତ୍ନାକର ସ୍ୱାଇଁଙ୍କ ପତ୍ନୀ ନୀରଦପ୍ରଭା ସ୍ୱାଇଁ (୭୮)ଙ୍କର ଆଜି ପରଲୋକ ହୋଇ ଯାଇଛି । ଶ୍ରୀମତୀ ସ୍ୱାଇଁ ଗତ କିଛି ଦିନ ଧରି ରୋଗଗ୍ରସ୍ତ ହେବା ପରେ ତାଙ୍କ ପ୍ରଥମେ ଭଦ୍ରକ, ପରେ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା । ସେଠାରୁ ସୁସ୍ଥ ହୋଇ ଘରକୁ ଫେରିଥିଲେ । ମାତ୍ର ଆଜି ହଠାତ୍ ପୁଣି ଅସୁସ୍ଥ ହେବା ପରେ ପରେ ହୃଦ୍‌ଘାତରେ ଅପରାହ୍ନ ୩ଟା ୪୫ରେ ତାଙ୍କ ପ୍ରାଣବାୟୁ ଚାଲି ଯାଇଥିଲା । ଖବର ପାଇ ବରିଷ୍ଠ ସାମ୍ବାଦିକ ପ୍ରତାପ ଦାସ, ତପନ ମିଶ୍ର, ଡ. ହରିହର ନାୟକ, ପ୍ରିୟଦର୍ଶନ ବୋଇତି, ଅବିନାଶ ପଣ୍ଡା, ପାର୍ଥସାରଥି ନାୟକ, ଅଜୟ ପଣ୍ଡା, ଶିବାନନ୍ଦ ଦାସ, ନରେନ୍ଦ୍ର ସାମଲ, ଦିପ୍ତୀରଂଜନ ସାହୁ, ନାରାୟଣ ବାରିକ, ସମାଜସେବୀ ଜଗନ୍ନାଥ ରାଉତ, ଓଷ୍ଟା ରାଜ୍ୟ ସମ୍ପାଦକ ଅକ୍ଷୟ ହୋତା, ଭଦ୍ରକ ଜିଲ୍ଲା ସମ୍ପାଦକ ପ୍ରଦିପ୍ତ ଦାସ, ବାପି ପଣ୍ଡା ପ୍ରମୁଖ ଉଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ । ପରେ ତାଙ୍କ ମରଶରୀରକୁ ଭଦ୍ରକ ଅପର୍ତ୍ତିବିନ୍ଧା ନିଉ କଲେନୀ ସ୍ଥିତ ଭଡା ଗୃହରୁ ନିଜ ଘର ଧୁଷୁରୀ ନରସିଂହପୁର ଗ୍ରାମକୁ ନିଆଯାଇଥିଲା । ସେଠାରେ ଓୟୁଜେ ରାଜ୍ୟ ଉପସଭାପତି କିଶାନ ରାଉତ, ସାମ୍ବାଦିକ ଦୀନବନ୍ଧୁ ଦାସ, କୈଳାସ ସାହୁ, ଧୁଷୁରୀ ସେବା ସମବାୟ ସମିତି ସଭାପତି ସନ୍ଦିପ ଶଙ୍କର ସ୍ୱାଇଁ, ନିଶିକାନ୍ତ ସ୍ୱାଇଁ, ପ୍ରମୁଖ ଶେଷ ଦର୍ଶନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଅନ୍ୟପକ୍ଷରେ ଭଦ୍ରକ ବିଧାୟକ ସଂଜିବ ମଲ୍ଲିକ, ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନ ସଭାପତି ଅଜୟ ନାୟକ, ବିଜେପି ଭଣ୍ଡାରିପୋଖରୀ ନେତା ବଦ୍ରିନାରାୟଣ ଧଳ ପ୍ରମୁଖ ବାର୍ତ୍ତା ଯୋଗେ ଶୋକ ପ୍ରକଟ କରିଛନ୍ତି ।

କୃଷି ବଜେଟରେ ମୋଟ ୨୧ ହଜାର ୧ ଶହ ୬୬ କୋଟି ଟଙ୍କାର ବ୍ୟୟବରାଦ

ଭୁବନେଶ୍ୱର,୦୨/୦୭ (ନି.ପ୍ର): ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ କୃଷି ବଜେଟରେ ମୋଟ ୨୧ ହଜାର ୧ ଶହ ୬୬ କୋଟି ଟଙ୍କାର ବ୍ୟୟବରାଦ କରା ଯାଇଛି । ଅର୍ଥ ମନ୍ତ୍ରୀ ବଜେଟ ଅଭିଭାଷଣ ପଢିବା ବେଳେ ଏହି ସୂଚନା ଦେଇଛନ୍ତି । ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ କାଳିଆ ଯୋଜନାରେ ମୋୟ ୧ ହଜାର ୮ ଶହ ୭୪ କୋଟି ଟଙ୍କାର ବ୍ୟୟବରାଦ କରା ଯାଇଛି ବୋଲି ଅର୍ଥ ମନ୍ତ୍ରୀ ନିରଂଜନ ପୁଜାରୀ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ରାଜ୍ୟରେ କୃଷି ଗବେଷଣା, ଶିକ୍ଷା ଭିତିଭୂମି ବିକାଶ ପାଇଁ ମୋଟ ୧ ଶହ ୬୧ କୋଟି ଟଙ୍କାର ବ୍ୟୟବରାଦ କରା ଯାଇଛି ଯାହା ୨୦୧୯-୨୦ ବର୍ଷର ବ୍ୟୟବରାଦର ପ୍ରାୟ ୫ ଗୁଣ ଅଟେ । ଉଦ୍ୟାନ କୃଷିକୁ ପ୍ରୋତ୍ସାହନ ଦେବା ପାଇଁ ଉଦ୍ୟାନ କୃଷି ବିକାଶ କାର୍ଯ୍ୟକ୍ରମ ଅଧୀନରେ ୩ ଶହ ୧୨ କୋଟି ଟଙ୍କାର ବ୍ୟୟବରାଦ କରା ଯାଇଛି । କୃଷକ ପରିବାରଙ୍କୁ ଆୟ ସହାୟତା ଯୋଗାଇ ଦେବା ପାଇଁ ୧ ଶହ ୨୨ କୋଟି ଟଙ୍କାର ବ୍ୟୟବରାଦ କରା ଯାଇଛି । ସେହିପରି ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ୩ ଶହକୋଟି ଓ କୃଷି ଯନ୍ତ୍ରପାତି ଓ ଡିଜେଲ ପମ୍ପସେଟର ଚାହିଦା ପଢାଇବାକୁ ୪ ଶହ ୩୨ କୋଟି ଟଙ୍କାର ବ୍ୟୟବରାଦ କରା ଯାଇଛି । ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ କୃଷି ସିଂଚାଇ ଯୋଜନା ଅଧୀନରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଗୁଡିକୁ ପୂରା କରିବାକୁ ୨ ହଜାର ୪୯୩ କୋଟି ଟଙ୍କାର ବ୍ୟୟବରାଦ କରା ଯାଇଛି । ଜଳନିଧି ଯୋଜନା ପାଇଁ ୨ ଶହ ୩୪ କୋଟି ଟଙ୍କାର ବ୍ୟୟବରାଦ କରା ଯାଇଛି ।

ବଜ୍ରପାତରେ ଚାଷୀଙ୍କ ବିଲରେ ମୃତ୍ୟୁ

ବସ୍ତା,୦୨/୦୭ (ନି.ପ୍ର): ବସ୍ତା ବ୍ଲକର ଜାମଶୁଲି ଗାଁର ଯୁବ ଚାଷୀ ଶନିବାର ବଜ୍ରାଘାତ ରେ ମୃତ୍ୟୁ ବରଣ କରିଥିବା ଜଣାଯାଇଛି ।ଏହି ଗାଁ ର ନଟବର ଦାସଙ୍କ ପୁଅ ନବୀନ(୪୯ବର୍ଷ) ସବୁଦିନ ପରି ବିଲକୁ କୋଦାଲ ନେଇ ଯାଇଥିବା ବେଳେ ତାଙ୍କ ଉପରେ ବଜ୍ରପାତ ହୋଇଥିଲା । ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ପରେ ପରିବାର ଲୋକେ ଖୋଜାଖୋଜି କରି ମୃତକକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ କରାଇଥିବା ବେଳେ ସିଂଲା ପୁଲିସ ଏ ସଂକ୍ରାନ୍ତ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାଯାଇଛି । ନବୀନଙ୍କ ମୃତ୍ୟୁ ରେ ଶୋକର ଛାୟା ଖେଳିଯାଇଛି ।

ଶ୍ରୀଜଗନ୍ନାଥଙ୍କ ୩୨ ବେଶ ସମାରୋହ ଉଦ୍‌ଘାଟିତ

ଜଳେଶ୍ୱର, ୨/୭(ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକର ବାଘାବାଳି ଠାରେ ୧୦ଦିନ ବ୍ୟାପି ହେବାକୁଥିବା ଶ୍ରୀଜଗନ୍ନାଥଙ୍କ ୩୨ ବେଶ ସମାରୋହ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏହାକୁ ପୂର୍ବତନ ସାଂସଦ ଇଂ ରବିନ୍ଦ୍ର ଜେନା ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ଜିଲାପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ ଓ ମୁଖ୍ୟବକ୍ତାଭାବେ ମହାରାଜ ହେମ ହରି ଦାସ ଯୋଗ ଦେଇ ଜଗନ୍ନାଥଙ୍କ ବିଭିନ୍ନ ବେଶ ମଧ୍ୟରୁ ୩୨ ବେଶ ସର୍ବଶ୍ରେଷ୍ଠ ଓ ସର୍ବାଦୃତ ବୋଲି କହିଥିଲେ । ସମ୍ମାନୀତ ଅତିଥିଭାବେ ଜିଲାପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ମୁଖ୍ୟନିସିପାଲିଟି ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ, ଚନ୍ଦନ କୁମାର ଦାସ, ସରପଂଚ ଅରୁଣ ସେନାପତି ଯୋଗ ଦେଇଥିବା ବେଳେ ଜ୍ୟୋତିର୍ମୟାନନ୍ଦ ପାଳ ଅଧ୍ୟକ୍ଷତା କରିଥିଲେ । ସଂପାଦକ ତପନ ବିଶ୍ୱାଳ ସୂଚନା ପ୍ରଦାନ, ସିଦ୍ଧାର୍ଥଶଂକର ପାଳ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ଶିବାନୀ ଶଂକର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । କିଶୋର ଦାସ , ରମେଶ ଚନ୍ଦ୍ର ନାୟକ, ଦୁର୍ଗଶଂକର ଭୂୟାଁ, ଗୋପାଳ ଦାସ, ଗୋବିନ୍ଦ ସାହୁ, କରୁଣାକର ଭୂୟାଁ, ଅଜିତ୍ ଜେନା, ନନୀ ଗୋପାଳ ଭୂୟାଁ, ଚିନ୍ମୟ ଗିରି, ଅଜୟ ଦାସ ପ୍ରମୁଖ ପରିଚାଳନା କରିଥିଲେ ।

ରାଜଧାନୀରେ ୮୩ କୋଭିଡ୍ ପଜିଟିଭ୍

ଭୁବନେଶ୍ୱର,୦୨/୦୭ (ନି.ପ୍ର): ରାଜଧାନୀରେ ବଢୁଛି କୋଭିଡ୍ ସଂକ୍ରମଣ । ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ଶନିବାର ମୋଟ ୮୩ ଜଣ ଲୋକ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି କୁହାଯାଇଛି । ଅପରପକ୍ଷରେ ୨୪ ଘଂଟାରେ ଆଉ ୬୭ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୫୭ ହଜାର ୪୦୪ ଲୋକ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିରୁ ୧ ଲକ୍ଷ ୫୫ ହଜାର ୮୬୭ ଜଣ ସୁସ୍ଥ ହୋଇଛନ୍ତି । ମୋଟ ୧୧୯୩ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିଲା ବେଳେ ୩୨୩ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି । ଗତକାଲି ଭୁବନେଶ୍ୱରରେ ୭୦ ପଜିଟିଭ୍ ଚିହ୍ନଟ ହୋଇଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ବିଜେବି କଲେଜ ହଷ୍ଟେଲରୁ ଛାତ୍ରୀଙ୍କ....

ଦେଲେ । ଆଉ ସହିପାରିଲିନି କି ଘରେ କହିପାରିଲିନି । ମୋତେ ମୋ ବାପା, ମାଆ, ମାମୁ, ମାଇଁ, ମଉସା ଓ ମାଉସୀ ସମସ୍ତେ ବହୁତ ଭଲ ପାଆନ୍ତି । ସେମାନେ ବହୁତ ଆଶା ରଖିଥିଲେ, ମୁଁ କଲେକ୍ଟର ହେବି । ହେଲେ ମୋତେ ସିନିୟର ମେଂଟାଲ୍ ଡିପ୍ରେସ୍ କଲେ । ବାପା, ମାଆଙ୍କ ପଇସା ଖର୍ଚ୍ଚ କରି ପାଠ ପଢ଼ିବା ପାଇଁ ଛାଡ଼ିଥିଲେ । ହେଲେ ତାଙ୍କ ପଇସାର କି

ବାଲେଶ୍ୱର, ରବିବାର, ୦୩ ଜୁଲାଇ, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ସମୀକ୍ଷା ବୈଠକ

ଭୁବନେଶ୍ୱର,୦୨/୦୭ (ନି.ପ୍ର): ମୃତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମେତ ଆପିକଲ, ଓଡ଼ିଶା ରାଜ୍ୟ ବିହନ ନିଗମ, ଓଡ଼ିଶା କୃଷି ଶିଳ୍ପ ନିଗମ ସଂପର୍କରେ ଆଜି ଏକ ସମୀକ୍ଷା ବୈଠକ କୃଷି ଭବନଠାରେ ଅନୁଷ୍ଠିତ ହୋଇଯାଇଛି । କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବୈଠକରେ ଯୋଜନାର ଅଗ୍ରଗତି ସଂପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ । ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ନିର୍ଦ୍ଦେଶାଳୟ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଗୁଡ଼ିକର ଜିଲ୍ଲାୱାରୀ ଧାର୍ଯ୍ୟ ଲକ୍ଷ୍ୟ ଓ ସ'ଳତାର ହାରର ବିବରଣୀ ଏବଂ ଅପ୍ରେଲରୁ ଜୁନ୍ ୨୦୨୨ ପର୍ଯ୍ୟନ୍ତ ତ୍ରୈମାସିକ ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ପରବର୍ତୀ ପର୍ଯ୍ୟାୟରେ କ୍ଷେତ୍ର ଅଧିକାରୀଙ୍କ ସହିତ ସିଧାସଳଖ ବୈଠକର ଆୟୋଜନ କରାଯିବ । ବୈଠକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ସଂପର୍କରେ ସମୀକ୍ଷା ହେବା ସହିତ 'ାର୍ମ ପଣ୍ଡଗୁଡ଼ିକର ବହୁମୁଖୀ ଉପଯୋଗିତା ଓ ସମନ୍ୱିତ କୃଷିକୁ ପ୍ରୋତ୍ସାହିତ କରିବା ଦିଗରେ ଜିଲ୍ଲା ସଦର ମହକୁମା ସ୍ତରରେ ପ୍ରତିମାସରେ କୃଷି, ମତ୍ସ୍ୟ, ପ୍ରାଣୀସଂପଦ ବିକାଶ, ମୃତ୍ତିକା ସଂରକ୍ଷଣ, ପଂଚାୟତିରାଜ, ମିଶନ ଶକ୍ତି ଓ ରାଜସ୍ୱ ବିଭାଗ ସହ ମିଳିତ ବୈଠକ କରି କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ବିଭାଗୀୟ ବରିଷ୍ଠ ଅଧିକାରୀ ଓ ଜିଲ୍ଲା ସ୍ତରର ଅଧିକାରୀଙ୍କ ଦ୍ୱାରା ବ୍ୟାପକ କ୍ଷେତ୍ର ପରିଦର୍ଶନ କରି ପ୍ରକଳ୍ପର ଅଗ୍ରଗତି ସଂପର୍କରେ ନିରୀକ୍ଷଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ବୈଠକରେ ପ୍ରଧାନମନ୍ତ୍ରୀ କୃଷି ସିଂଚାଇ ଯୋଜନା, ରେନ୍‌ଟ'ଡ୍ ଏରିଆ ଡେଭଲପ୍‌ମେଂଟ, ଓଡ଼ିଶା ମିନେରାଲ ବିୟରିଂ ଏରିଆ ଡେଭଲପ୍‌ମେଂଟ କର୍ପୋରେସନ୍, ଜିଲ୍ଲା ଖଣିଜ ପାଣ୍ଠି ଏବଂ ରିଓ୍ୱାର୍ଡ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ସଂପର୍କରେ ଆଲୋଚନା ହୋଇଥିଲା ।

ଜୁଲାଇ ୩ ତାରିଖରେ ଜୀ ସାର୍ଥକରେ ଦେଖନ୍ତୁ 'ସିନେ ମହାମିଳନ'

ଭୁବନେଶ୍ୱର,୦୨/୦୭ (ନି.ପ୍ର): ଜୀ ସାର୍ଥକ ଓଡିଆ ଦର୍ଶକଙ୍କୁ ଭେଟି ଦେବାକୁ ଯାଉଛି 'ସିନେ ମହାମିଳନ' । ଏଇ ରବିବାର ସଂଧ୍ୟା ୬ଟା ୩୦ରେ ଏହାର ପ୍ରସାରଣ ହେବ । ଏହି ମହାମଞ୍ଚରେ ଓଡିଶା ସିନେ ଇଣ୍ଡଷ୍ଟ୍ରିର ସବୁ ମେଗାଷ୍ଟାରମାନଙ୍କୁ ଦେଖିବାକୁ ପାଇବେ । ଯେଉଁମାନେ ଦର୍ଶକଙ୍କୁ ଭରପୁର ମନୋରଂଜନ ଯୋଗାଇବେ । ସିଦ୍ଧାନ୍ତ, ବାବୁସାନ, ଅରିନ୍ଦମ, ସବ୍ୟସାଚୀ,ଶ୍ରୀତମ ଦାସ, ବୁଦ୍ଧାଦିତ୍ୟ, ସ୍ୱରାଜ, ଜ୍ୟୋତି, ଦେବାଶୀଷ, ଆକାଶ, ପୁପିନ୍ଦର ଓ ରାକେଶଙ୍କ ସହ ମହାଶ୍ୱେତା ରାୟ, ଅନୁ ଚୌଧୁରୀ, ଭୂମିକା, ଶିବାନୀ, ନିକିତା ମିଶ୍ର, ଶୀତଳ, ସୂର୍ଯ୍ୟମୟୀ, ପ୍ରକୃତି, ଏଲି, ତମ୍ପନା ବ୍ୟାସ, ଦିବ୍ୟା, ବିଦୁସ୍ମିତା ଓ ଉଷସୀ ମିଶ୍ରଙ୍କ ଏମିତି ବହୁତସାରା ମେଗାଷ୍ଟାରଙ୍କୁ ଗୋଟିଏ ମଂଚରେ ଦେଖିବାକୁ ପାଇବେ । ଧମାକାଦାର ପରଫମାନ୍ସ ସହ ନାଚଗୀତର ଆସରରେ ଝୁମିବ ପୁରା ଓଡିଶା । ସବୁ ମେଗାଷ୍ଟାରମାନଙ୍କୁ ଏକାଠି ଗୋଟିଏ ମଂଚରେ ଦେଖିବାକୁ ସମସ୍ତଙ୍କର ଆଗ୍ରହ ଓ ଉତ୍ସାହ ବଢ଼ିଚାଲିଛି । ଏହି କାର୍ଯ୍ୟକ୍ରମରେ ନାଚଗୀତ ସାଙ୍ଗକୁ ଆହୁରି ବହୁତ କିଛି ମଜାମସ୍ତୀ ଦେଖିବାକୁ ମିଳିବ । ଏହା ଏକ ଭିନ୍ନ ଧରଣର ମନୋରଂଜନର କାର୍ଯ୍ୟକ୍ରମ ଯେଉଁଥିରେ ଓଲିଉଡର ସମସ୍ତ ମେଗାଷ୍ଟାର ମାନେ ଅଂଶଗ୍ରହଣ କରିଛନ୍ତି । ଓଡିଆ ମନୋରଂଜନ ଚ୍ୟାନେଲ ଦୁନିଆରେ ପ୍ରଥମ ଥର ପାଇଁ ଏଭଳି ଏକ କାର୍ଯ୍ୟକ୍ରମ ଜୀ ସାର୍ଥକରେ ଦେଖିବାକୁ ମିଳିବ । ଏଇ ରବିବାର ସଂଧ୍ୟା ୬ଟା ୩୦ରେ ଦେଖନ୍ତୁ ଜୀ ସାର୍ଥକରେ 'ସିନେ ମହାମିଳନ' ।

ଦିବଙ୍ଗତ ପୂର୍ବତନ ବିଧାୟକ ସୁରେନ୍ଦ୍ର ନାଥ କହଁରଙ୍କ ପାଇଁ ବିଧାନସଭାରେ ଶୋକ ପ୍ରସ୍ତାବ ଗୃହୀତ

ଭୁବନେଶ୍ୱର,୦୨/୦୭ (ନି.ପ୍ର): ବିଧାନସଭାର ମୌସୁମୀ ଅଧିବେଶନ ନିର୍ଧାରିତ ୧୧ଟା ରେ ଆରମ୍ଭ ହୋଇଥିଲା । ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶୋକ ପ୍ରସ୍ତାବ ଆଣିବାକୁ କହିଥିଲେ । ଭିଡିଓ କନଫ୍ରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଲିଗୁଡାର ପୂର୍ବତନ ବିଧାୟକ ସୁରେନ୍ଦ୍ର ନାଥ କହଁରଙ୍କ ପାଇଁ ଶୋକ ପ୍ରସ୍ତାବ ଆଗତ କରିଥିଲେ । ଏହି ଶୋକ ପ୍ରସ୍ତାବକୁ ବିରୋଧୀ ଦଳର ଉପ ନେତା ବିଷ୍ଣୁ ସେଠୀ, କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର, ସିପିଏମ ବିଧାୟକ ଲକ୍ଷ୍ମଣ ମୁଣ୍ଡା ସମର୍ଥନ କରିଥିଲେ । ଏହା ପରେ ବାଚସ୍ପତି ମଧ୍ୟ ଦିବଙ୍ଗତ ବିଧାୟକଙ୍କ ସମ୍ପର୍କରେ ସୂଚନା ଦେବା ପରେ ତାଙ୍କର ଅମର ଆତ୍ମାର ସଦଗତି କାମନା କରିବାକୁ ଏକ ମିନିଟ ନୀରବ ପ୍ରାର୍ଥନା କରା ଯାଇଥିଲା ।

ସଭାପତି ଦାୟିତ୍ୱନେଲେ ଅଭିଜିତ୍ : ଭଦ୍ରକ ରୋଟାରୀ କ୍ଲବର ବ୍ୟାପକ କାର୍ଯ୍ୟକ୍ରମ

ଭଦ୍ରକ,୦୨/୦୭ (ନି.ପ୍ର): ନୂତନ ରୋଟାରୀ ବର୍ଷ ଆରମ୍ଭରେ ଭଦ୍ରକ ରୋଟାରୀ କ୍ଲବ୍‌ର ସଭାପତି ଭାବରେ ଯୁବ ସଂଗଠକ ଅଭିଜିତ୍ ନାୟକ ଓ ସଂପାଦକ ଭାବରେ ମାଂଗିଲାଲ୍ ବଳଦେବା ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ରୋ. ଶିଶିର ମିଶ୍ର, ରୋ. ଅତିସ୍ ବେହେରା, ଇନ୍ଦ୍ରଜିତ୍ ସାହୁ, ଅଧ୍ୟାପକ ନାସିର ବକ୍ସ, ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ଇଂ. ବସନ୍ତ କୁମାର ପାଣିଗ୍ରାହୀ, ଅମ୍ବିକା ବଲ୍ଲଭ ସ୍ୱାଇଁ, ରୋ. ବିଜୟ ସାହୁ ପ୍ରମୁଖ ନୂତନ ସଭାପତି ଓ ସଂପାଦକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପ୍ରଥମ କାର୍ଯ୍ୟଦିବସଟି ପବିତ୍ର ରଥଯାତ୍ରାରେ ଆରମ୍ଭ ହୋଇଥିବାରୁ ଭଦ୍ରକ ରୋଟାରୀ କ୍ଲବ୍ ତରଫରୁ ବ୍ୟାପକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସର୍ବପ୍ରଥମେ ସଦସ୍ୟମାନେ କ୍ଲବର ପ୍ରତିଷ୍ଠାତା ସଭାପତି ରାଖାଲ ଚନ୍ଦ୍ର ଦାସ ଓ ପ୍ରକାଶ ଚନ୍ଦ୍ର ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସଦସ୍ୟମାନେ ରକ୍ତଭଣ୍ଡାରକୁ ଯାଇ ରକ୍ତଦାନ କରିଥିଲେ। ବଳାଜିତ୍‌ପଡା ଜଗନ୍ନାଥ ମନ୍ଦିର ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏବଂ କ୍ଲବ ପକ୍ଷରୁ ମନ୍ଦିରକୁ ଏକ ଇନ୍‌ଭର୍ଟର ସେଟ୍ ପ୍ରଦାନ କରାଯାଇଥିଲା। ପରେ ବାଇପାସ ସ୍ଥିତ କ୍ଲବ ସଭାଗୃହରେ ଚ୍ଟାର୍ଡ ଆକାଉଣ୍ଟାଣ୍ଟ୍ ଦିବସ ପାଳିତ ହୋଇଥିଲା। ରୋ. ବିଚିତ୍ରାନନ୍ଦ ଦାସଙ୍କ ଦ୍ୱାରା ପରିଚାଳିତ ଏହି ସଭାରେ ଚ୍ଟାର୍ଡ ଆକାଉଣ୍ଟାଣ୍ଟ କରଣ କେଜରିଓ୍ୱାଲ୍, ଅନୀଲ ଡିଡ୍‌ୱାନିଆ, ରାଜା ଫୋଗଲା ଓ ଅକ୍ଷୟ ନାରାୟଣ ଦତ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅପରାହ୍ନରେ କ୍ଲବ୍ ପକ୍ଷରୁ ଜଗନ୍ନାଥପୁର ରଥଯାତ୍ରାରେ ପ୍ରସାଦ ସେବନର ଆୟୋଜନ କରାଯାଇଥିଲା। ପାଂଚଶହରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଏହି ପ୍ରସାଦ ସେବନରେ ଅଂଶଗ୍ରହଣ କରିଥିଲେ। ରାତିରେ ସାଳନ୍ଦୀ ହସ୍‌ପିଟାଲ ପରିସରରେ କ୍ଲବ୍ ପକ୍ଷରୁ "ଡକ୍ଟରସ୍ ଡେ" ପାଳିତ ହୋଇଥିଲା। ଦିବସବ୍ୟାପି ଏହି କାର୍ଯ୍ୟକ୍ରମକୁ ରୋ. ପ୍ରଣବ କୁମାର ସାହୁ, ରୋ. ବାଦଲ ମହାପାତ୍ର, ରୋ. ଶାନ୍ତିସ୍ୱରୂପ ମିଶ୍ର, ସନ୍ତୋଷ କୁମାର ନାୟକ, ରୋ. ପ୍ରମୋଦ କୁମାର ଜେନା, ସୀତାକାନ୍ତ ଦାସ, ଅନୀମା ନାୟକ ପ୍ରମୁଖ ଉପସ୍ଥିତି ରହି ପରିଚାଳନା କରିଥିଲେ।

ବଜେଟ୍‌ରେ କେଉଁ ବିଭାଗକୁ କେତେ

ଭୁବନେଶ୍ୱର,୦୨/୦୭ (ନି.ପ୍ର): ୨୦୨୨-୨୩ ବଜେଟରେ ସ୍ୱରାଷ୍ଟ୍ର ବିଭାଗ ପାଇଁ ୬୪୧୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପାଇଁ ୫୩୪ କୋଟି ଟଙ୍କା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପାଇଁ ୧୫୧୧ କୋଟି ଟଙ୍କା, ଆଇନ ବିଭାଗ ପାଇଁ ୬୦୮ କୋଟି ଟଙ୍କା, ଅର୍ଥ ବିଭାଗ ପାଇଁ ୫୮୫୫୬ କୋଟି ଟଙ୍କା, ବାଣିଜ୍ୟ ବିଭାଗ ପାଇଁ ୧୮୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ସେହିପରି ନିର୍ମାଣ ବିଭାଗ ପାଇଁ ୮୩୮୩ କୋଟି ଟଙ୍କା, ଓଡ଼ିଶା ବିଧାନସଭା ପାଇଁ ୧୮୮ କୋଟି ଟଙ୍କା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପାଇଁ ୧୨୦୫ କୋଟି ଟଙ୍କା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଇଁ ୨୦୬୩୬ କୋଟି ଟଙ୍କା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପାଇଁ ୪୦୯୨ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ସେହିପରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପାଇଁ ୧୨୩୪୨ କୋଟି ଟଙ୍କା, ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗ ପାଇଁ ୭୨୫୮ କୋଟି ଟଙ୍କା, ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ ପାଇଁ ୧୯୫ କୋଟି ଟଙ୍କା, କ୍ରୀଡ଼ା ଓ ଯୁବସେବା ବିଭାଗ ପାଇଁ ୯୧୧ କୋଟି ଟଙ୍କା, ଯୋଜନା ଓ ସଂଯୋଜନ ବିଭାଗ ପାଇଁ ୩୦୩୫ କୋଟି ଟଙ୍କା ଏବଂ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ପାଇଁ ୨୧୭୪୧ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ସେହିପରି ସାଧାରଣ ଅଭିଯୋଗ ଓ ପେନସନ୍ ପ୍ରଶାସନ ବିଭାଗ ପାଇଁ ୨ କୋଟି ଟଙ୍କା, ଶିଳ୍ପ ବିଭାଗ ପାଇଁ ୬୪୬ କୋଟି ଟଙ୍କା, ଜଳ ସମ୍ପଦ ବିଭାଗ ପାଇଁ ୧୦୦୪୫ କୋଟି ଟଙ୍କା, ପରିବହନ ବିଭାଗ ପାଇଁ ୧୧୯୨ କୋଟି ଟଙ୍କା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପାଇଁ ୧୧୧୨ କୋଟି ଟଙ୍କା, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପାଇଁ ୬୪୪୬ କୋଟି ଟଙ୍କା, ଇସ୍ପାତ ଓ ଖଣି ବିଭାଗ ପାଇଁ ୧୮୩ କୋଟି ଟଙ୍କା, ସୂଚନା ଓ ଲୋକସମ୍ପର୍କ ବିଭାଗ ପାଇଁ ୧୨୯ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

ଛାତ୍ରୀ ପୂଜାରାଣୀ ହୁଇ ସର୍ବକନିଷ୍ଠା ସେବା ସମବାୟ ସମିତିର ସଭାପତି

ଜଳେଶ୍ୱର, ୦୨/୭(ନି.ପ୍ର) : ଚଳିତବର୍ଷ ଜଳେଶ୍ୱର ବ୍ଲକରୁ ଜଣେ ଛାତ୍ରୀ ସେବା ସମବାୟ ସମିତିର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ୧୯୬୯ ମସିହାଠାରୁ ଇଙ୍କିଡା ସେବା ସମବାୟ ସମିତି ସ୍ଥାପିତ ହୋଇଥିଲେ ମଧ୍ୟ ଅଦ୍ୟାବଧି ସର୍ବକନିଷ୍ଠା କୁମାରୀ ପୂଜାରାଣୀ ହୁଇ ଚଳିତବର୍ଷ ସଭାପତିଭାବେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ମୋଟ ୧୫ଜଣ ଡାଇରେକ୍ଟରଙ୍କ ମଧ୍ୟରୁ ୧୪ଜଣ ପୂଜାରାଣୀଙ୍କୁ ସମର୍ଥନ କରିବା ଜଣାଯିବାପରେ ଅନ୍ୟ କେହି ପ୍ରତିଦ୍ୱନ୍ଦି ଅବତିର୍ଣ୍ଣ ହୋଇନଥିଲେ । ସେ ଜଣେ ଚାଷୀ ଘରର ଝିଅ ହୋଇଥିଲେ ମଧ୍ୟ ନିଜେ ଜଣେ ସଦସ୍ୟାଭାବେ ରହି ଆସିଥିଲେ । ଏବେ ସେ ସେବା ସମବାୟ ସମିତିର କାର୍ଯ୍ୟାଳୟ, ଗୋଦାମଗୃହ, ପାନୀୟ ଜଳର ବ୍ୟବସ୍ଥା, ଶୌଚାଳୟର ସୁବିଧା ନ ଥିବାରୁ ଏ ସବୁକୁ ପ୍ରାଥମିକତା ଦେବେ ବୋଲି ଆଜି ସୂଚନା ଦେଇଛନ୍ତି। ଚାଷୀଙ୍କ ଋଣ ମଂଜୁରୀ ଓ ଧାନ ବିକ୍ରୟ ଓ ସର୍ବନିମ୍ନ ସୁବିଧାକୁ ସେ ପ୍ରାଥମିକତା ଦେବେ ବୋଲି କହିଛନ୍ତି । ସେ ଇଲେକ୍ଟ୍ରିକ୍ ଇଞ୍ଜିନିୟର ହୋଇଥିଲେ ମଧ୍ୟ ବିଇଡି ପାସ୍ କରିଛନ୍ତି । ଏହି ସଫଳତା ପଛରେ ତାଙ୍କ ବାପା ପରିତୋଷ ହୁଇ ଓ ପରିବାର ବର୍ଗଙ୍କ ଆଶିର୍ବାଦ ରହିଥିବା କହିଛନ୍ତି । ଆସନ୍ତା ଦିନରେ ସେ ଜିଲା ଓ ରାଜ୍ୟସ୍ତରୀୟ ସମବାୟ ନିର୍ବାଚନରେ ଭାଗ ନେବେ ବୋଲି ପ୍ରକାଶ କରିଛନ୍ତି ।

ଜଟଣୀ ଇଲେଭେନ୍ ଷ୍ଟାର ବେଣାପଞ୍ଚରୀ ତିରିମଲ ଫୁଟବଲ ଟୁର୍ଣ୍ଣାମେଂଟ ଅନୁଷ୍ଠିତ

ଭୁବନେଶ୍ୱର,୦୨/୦୭ (ନି.ପ୍ର): ଆଜି ଇଲେଭେନ୍ ଷ୍ଟାର କ୍ଲବ ଆନୁକୂଲ୍ୟରେ ଜଟଣୀ ବେଣାପଞ୍ଚରୀ ପଡ଼ିଆଠାରେ ବେଣାପଞ୍ଚରୀ ଏବଂ ତିରିମଲର ମିଳିତ ସହଯୋଗରେ ଏକ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌ରେ ଖୋର୍ଦ୍ଧା ଠଣାପଲ୍ଲୀ ଫୁଟବଲ ଟିମ୍ ୪.୧ ଗୋଲ୍‌ରେ କଟକ କେରଙ୍ଗ ଫୁଟବଲ ଟିମ୍‌କୁ ପରାସ୍ତ କରିଛି। ଏହି କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ଯୋଗଦେଇ ବିଜୟୀ ଓ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ଓ କପ୍ ପ୍ରଦାନ ପୂର୍ବକ ପୁରସ୍କୃତ କରିଥିଲେ। ଏହି କ୍ରୀଡ଼ା ଉତ୍ସବରେ ଶ୍ରୀ ପଟ୍ଟନାୟକ କହିଥିଲେ ଯେ, କ୍ରୀଡ଼ା ମଣିଷକୁ ସୁସ୍ଥ ରଖିବା ସହ ନିଜ ନିଜ ଓ ଦେଶ ଦେଶ ଭିତରେ ଭ୍ରାତୃଭାବ ସୃଷ୍ଟି କରିଥାଏ। ଜଣେ ରାଜନେତା ନିଜ ଦେଶରେ ପୂଜିତ ହେଉଥିଲା ବେଳେ ଜଣେ ଖେଳାଳି ଦେଶ ବିଦେଶରେ ପୂଜିତ ହୋଇଥାଏ। କ୍ରୀଡ଼ା ବିକଶିତ ହେବା ପାଇଁ ଏ ନିଶୁଣି ପରି କାର୍ଯ୍ୟ କରେ। ପୃଥିବୀର ନାମକରା ଖେଳାଳି ଅତି ଦରିଦ୍ର ଅବସ୍ଥାରୁ ଉତୀର୍ଣ୍ଣ ହୋଇ ବିଶ୍ୱବିଦିତ ହୋଇପାରିଛି। ତେଣୁ ଜଣେ ଖେଳାଳି ନିଜର ଖେଳ ଦକ୍ଷତାକୁ ନେଇ ସୁନେଲି ସ୍ୱପ୍ନ ଦେଖିବା ଉଚିତ୍। ନିଷ୍ଠାର ସହ ଯେକୌଣସି ଜାତୀୟ ବା ଆନ୍ତର୍ଜାତୀୟସ୍ତରର ଖେଳ ଖେଳିଲେ ଜଣେ ପଲ୍ଲୀର ଖେଳାଳି ପୃଥିବୀରେ ପରିଚିତ ହୋଇପାରିବ। ଗାଁରେ ପ୍ରତିଭା ଲୁଚି ରହିଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ କହିଥିଲେ ଯେ, ମୋର କୈଶୋର ଓ ତାରୁଣ୍ୟ ଫୁଟବଲ ଖେଳରେ ବିତିଛି। ଫୁଟବଲ ଖେଳିବା ପାଇଁ ଆମେ ଏପରିକି ସାଇକେଲରେ ବିଭିଭିନ୍ନ ଜିଲ୍ଲାକୁ ଯାଇଛି। ଜଣେ ଖେଳ ମାଧ୍ୟମରେ ସମ୍ମାନ ଓ ଧନ ଅର୍ଜନ କରିପାରିବ। ଖେଳ ମଣିଷ ଜୀବନରେ ବୈପ୍ଳବିକ ପରିବର୍ତ୍ତନ ଆଣିଥାଏ। ଏହି କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ସନ୍ତୋଷ ସିଂ ସାଲୁଜା, ରମେଶ ଜେନା, ଦାଶରଥୀ ଗମାଙ୍ଗ, ରାଜନ ଏକ୍କା, ୟାସୀର ନଓ୍ୱାଜ, ଶୁଭେନ୍ଦୁ ମହାନ୍ତି ପ୍ରମୁଖ ଯୋଗଦେବା ସହ ଉପସ୍ଥିତ ଦର୍ଶକ ଓ ଖେଳାଳିମାନଙ୍କୁ ଉଦବୋଧନ ଦେଇଥିଲେ। ହଜାର ହଜାର ଦର୍ଶକ ଏହି ଖେଳକୁ ଉପଭୋଗ କରିଥିଲେ।

ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଜୁଲାଇ ମାସ ପାଇଁ ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର କାର୍ଯ୍ୟସୂଚୀ

ବାରିପଦା, ୦୨/୦୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଜୁଲାଇ ମାସର ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଅଛି। ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ତତ୍ତ୍ୱାବଧାନରେ ମିଳିତ ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଯଥାକ୍ରମେ ପ୍ରଥମ ସୋମବାର-ତା.୦୪.୦୭.୨୦୨୨ ରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଫେସିଲିଟେସନ କେନ୍ଦ୍ର, ଦ୍ୱିତୀୟ ସୋମବାର-ତା.୧୧.୦୭.୨୦୨୨ ରିଖରେ ବାମନଘାଟି ଉପଖଣ୍ଡ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ, ତୃତୀୟ ସୋମବାର ତା.୧୮.୦୭.୨୦୨୨ ରିଖରେ ପାଂଚପୀଡ ଉପଖଣ୍ଡ କରଂଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ଏବଂ ଚତୁର୍ଥ ସୋମବାରା ତା.୨୫.୦୭.୨୦୨୨ ରିଖରେ କପ୍ତିପଦା ଉପଖଣ୍ଡ ଉଦଳା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ଠାରେ ଅନୁଷ୍ଠିତ ହେବ। ଉକ୍ତ ମିଳିତ ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ସଂପୃକ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ / ଉପଖଣ୍ଡର ଉପଜିଲ୍ଲାପାଳ, ବିଡିଓ, ତହସିଲଦାର, ସିଡିପିଓ, ଉପଖଣ୍ଡ ସ୍ତରୀୟ ସମସ୍ତ ଅଧିକାରୀ ଏବଂ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ରହିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ଧାର୍ଯ୍ୟ ତାରିଖ ଓ ସ୍ଥାନରେ ଅନୁଷ୍ଠିତ ହେବାକୁଥିବା ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର କାର୍ଯ୍ୟକ୍ରମରେ ସଂପୃକ୍ତ ଅଚଂଳର ଜନ ସାଧାରଣ ନିଜର ବ୍ୟକ୍ତିଗତ ଓ ସାମୁହିକ ସମସ୍ୟା ସଂପର୍କୀତ ଅଭିଯୋଗ ଲିଖିତ ଅଥବା ମୌଖିକ ଭାବେ ଶିବିରରେ ଉପସ୍ଥିତ ରହି ଜଣାଇ ପାରିବେ।

ରଥଯାତ୍ରା ଉପଲକ୍ଷେ ମୁଖ୍ୟ ଡାକଘରେ ସ୍ୱତନ୍ତ୍ର ଖାମ୍ ଓ ପୋଷ୍ଟକାର୍ଡ ଉନ୍ମୋଚିତ

ଜଳେଶ